

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ସେପ୍ଟେମ୍ବର ୨୦୧୭
ମୂଲ୍ୟ : ୨୫ ଟଙ୍କା





ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :
ଡ. [illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତି ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଦ୍ୱିତୀୟ ବର୍ଷର ଷଷ୍ଠ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

## 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଷା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, September 2016, Issue No. VI

RNI No. : ODIODI/2015/64435

P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :

**କୃଷ୍ଣ ପ୍ରସାଦ ଦାସ**

ସମ୍ପାଦକ :

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :

**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :

**ଡ. ନିରୋଦ କୁମାର ମନ୍ତ୍ରୀ**

ପରିଚାଳନା ସମ୍ପାଦିକା :

**ପ୍ରଜ୍ଞା ପରିମିତା**

ଉପସ୍ଥାପନା :

**ମମତା ଖଣ୍ଡାୟତରାୟ**

ଡିଟିପି :

**ମନୋଜ କୁମାର ଦାସ**

ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :

**ବିଷ୍ଣୁପ୍ରସାଦ ନାୟକ**

ମୋ: ୮୯୦୮୫୫୪୯୫୬

ଅଳଙ୍କରଣ :

**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :

**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :

**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :

**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**

ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :

**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

କାର୍ଯ୍ୟକାରୀ ସମ୍ପାଦିକା:

**ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**

**Edited, Published & Owned by : Dr. Bibhudatta Khandayatray**

Niladri Vihar, Cuttack - 4

E-mail : pracheepatrika@rediffmail.com

Web Site : www.pracheevoice.in


## ଏଇ ସଂଖ୍ୟାରେ...


- ଅନ୍ଧାର
  - ସୁରୁଚି ମିଶ୍ର ୭
- ପ୍ରକୃତ ବନ୍ଧୁ
  - ପ୍ରତାପ ଚନ୍ଦ୍ର ରାଉତ ୧୧
- ସମୟର ଦେବଦୂତ
  - ସୁକାନ୍ତି ସାହୁ ୧୨
- ଆକ୍ରାନ୍ତ ପୃଥିବୀ
  - ସୀତାରାମ ସାହୁ ୧୯
- ଘର ଘରର କଥା
  - ଶ୍ରୀ ସନ୍ନ୍ୟାସୀ ୨୪
- ଅର୍ଥ ଅନର୍ଥ
  - କ୍ଷେତ୍ର ମୋହନ ମହାରଣା ୨୫
- ପାପୀ
  - ଡଃ. ଦୀପକ୍ କୁମାର ସାହୁ ୨୭

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ .................................................................................................

ଜିଲ୍ଲା..................................................... ପିନ୍‌କୋର୍ଡ଼ ...................................

ମୋବାଇଲ୍ ନମ୍ବର ............................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଅନ୍ଧାର

ସୁରୁଚି ମିଶ୍ର

ଅଫିସ୍ ରୁ କାମସାରି ଆସିଲା ବେଳକୁ ସସ୍ମିତ ଦେଖିଲା ବହୁତ ଡେରି ହୋଇ ଗଲାଣି । କ'ଣ କରିବ, ମାର୍ଚ୍ଚ ମାସ କାମର ଚାପ ଟିକେ ଅଧିକ । ସସ୍ମିତା ବହୁ ଜୋର ରେ ପାଦ ପକାଇ ବସଷ୍ଟାଣ୍ଡ ଆଡେ ଚାଲିଲା । ଷ୍ଟାଣ୍ଡରେ ପହଞ୍ଚିଲାବେଳକୁ ତା' ନିୟମିତ ବସ୍ ଟା ଷ୍ଟାଣ୍ଡ ଛାଡି ବାହାରେ ଠିଆ ହେଉଛି,ଆଉ କ୍ଲିନ୍ ରେ ବହୁ ଜୋର୍ ରେ ରଡି ଛାଡୁଛି ଯାତ୍ରୀଙ୍କୁ ବସ୍ ରେ ଚଢିବ ପାଇଁ । ସେ ତରତର ହୋଇ ବସ୍ ଉପରକୁ ଉଠିଗଲା । ବସ୍ ସାରା ଲୋକ ଭର୍ତ୍ତି । ସିଟ୍ ତ ସିଟ୍ ଠିଆ ହେବାକୁ ବି ଜାଗା ନାହିଁ । ତାକୁ ଦେଖି କଣ୍ଡକ୍ଟର କହିଲା ଦିଦି, ଆଜି ଡେରି କରିଦେଲ । ସବୁ ସିଟ୍ କରିଦେବି । ସେ କଣ୍ଡକ୍ଟରକୁ କିଛି ନ କହି ଚୁପ୍ ଚାପ୍ ଠିଆ ହୋଇ ଚାରିଆଡେ ଅନେଇଲା ।

ଚାରିଆଡେ ଅନେଇଲାବେଳେ ଗୋଟେ ଜାଗାରେ ତା' ଆଖି ଅଟକିଗଲା ଓ ସେ ଚମକିପଡିଲା । ଆରେ ଇଏ ଚନ୍ଦନ ନୁହେଁ ତ ! ଲୋକଟା ତା ଠିଆ ହୋଇଥିବା ଜାଗାରେ ପାଖ ସିଟ୍ ର ସାଇଡ୍ ରେ ବସି ଝର୍କା ବାଟେ ବାହାରକୁ ଚାହିଁଛି । ସସ୍ମିତା ତାକୁ ଏକ ଲୟରେ ଦେଖି ଚାଲିଲା । ମନେ ମନେ ଚନ୍ଦନର ଚେହେରା ମନେପକେଇଲା ଏ ଲୋକରେ ଚେହେରା ସାଙ୍ଗେ ତୁଳନା କଲା । ଏତିକିବେଳେ ଜଣେ ଯାତ୍ରୀ ତା'ମୁହଁକୁ ଚାହିଁ କହିଲା, ' 'ମ୍ୟାଡ୍ ମ ! ଟିକେ ରାସ୍ତା ଛାଡନ୍ତୁ ଆମେ ଭିତରକୁ ଯାଇ ଠିଆ ହେବୁ ।"ସେ ଲୋକଟିର କଥାରେ ଅପ୍ରସ୍ତୁତ ମନେକଲା ଓ କଡେଇଗଲା । ହେଲେ ବି ତା' ମନ ମାନିଲାନି, ସମସ୍ତଙ୍କ ନଜରକୁ ଲୁଚାଇ ଲୋକଟିକୁ ଆଉ ଥରେ ଦେଖିଲା ସସ୍ମିତା । ଇଏ ଚନ୍ଦନ ନୁହେଁ ତ ? ୟାର ଲୋଚାକୋଚା ପୋଷାକ, ମୁହଁ ଉପରର ଅଡୁଆ ଦାଢି ଭାଙ୍ଗ ପଡି ଆସୁଥିବା ଗାଲ ଓ ଶୁଖିଲା ଆଖି ଓଠ ସହିତ ଝାପ୍ ସା ମନେପଡୁଥିବା ସେ ଚନ୍ଦନର କିଛି ସାମଞ୍ଜସ୍ୟ ନାହିଁ ଅବଶ୍ୟ, କାହିଁକି କେଜାଣି ସସ୍ମିତାକୁ ଲାଗୁଛି ଇଏ ସେହି ଚନ୍ଦନ ।

ଏବେବି ମନେଅଛି ସସ୍ମିତାର ସେ ବର୍ଷ ସେ ତାଙ୍କ ଗାଁ କଲେଜରୁ ଅର୍ନସ ଓ ଡିଷ୍ଟିଙ୍ଗସନ୍ ସହିତ ଫାଷ୍ଟ କ୍ଲାସ୍ ରେ ବି.ଏ.ପାସ୍ କଲା । ସୋସିଓଲୋଜିର ପି.ଜି.ର ପ୍ରଥମ କ୍ଲାସ ଦିନ ହିଁ

ଚନ୍ଦନ ସହିତ ତା'ର ପରିଚୟ । କାରଣ ସେ ଚନ୍ଦନକୁ ହିଁ ପଚାରି ବୁଝିଥିଲା । ସୋସିଓଲୋଜି ଡିପାର୍ଟମେଣ୍ଟର ରାସ୍ତା । ଚନ୍ଦନ ତାକୁ ରାସ୍ତା ଦେଖାଇବା ପାଇଁ ତା' ସହିତ ଡିପାର୍ଟମେଣ୍ଟ ଆଡକୁ ଚାଲିଯାଇଥିଲା । ବାଟରେ ତାକୁ ପଚାରିଥିଲା ଏତେ ସବଜେକ୍ଟ ଥାଉ ଥାଉ ସେ କାହିଁକି ସୋସିଓଲୋଜି ନେଲା । ସସ୍ମିତା ଉତ୍ତର ଦେବା ପରିବର୍ତ୍ତେ ତାକୁ ପ୍ରଶ୍ନ କରିଥିଲେ ଆପଣଙ୍କ ସବଜେକ୍ଟ କ'ଣ ? ସେ କହିଥିଲା ସେ ମଧ୍ୟ ସୋସିଓଲୋଜର ଦ୍ୱିତୀୟ ବର୍ଷ ଛାତ୍ର । ଏହାଶୁଣି ସେ ଓଲଟା ପ୍ରଶ୍ନ କରିଥିଲେ ଆପଣ କାହିଁକି ସୋସିଓଲୋଜି ନେଇ ପଢିଲେ ? ଏବେବି ସସ୍ମିତାର ମନେପଡୁଛି ଚନ୍ଦନ ତେଜୋଦୀପ୍ତ ଓଜସ୍ୱିନୀ ଭାଷାରେ ସମାଜରେ ଗୃଢତତ୍ତ୍ୱ ଉପରେ ଦେଇଥିବା ଭାଷଣ । ଚନ୍ଦନ ଥିଲା ବାମପନ୍ଥୀ ଚିନ୍ତାଧାରାର । ସେ ସମାଜର ଶ୍ରେଣୀ ବିଭାଜନକୁ ଘୃଣା କରୁଥିଲା । ସେ ପଚାରିଲା, ' 'ମଣିଷ ଭିତରେ ଏତେ ଭେଦଭାବ କାହିଁକି ? କାହିଁକି ଜଣେ ସୁନାର ଚାମଚ ଧରି ଦୁଧ ଭାତ ଖାଇ ଅୟସରେଦିନ କାଟିଲାବେଳେ ଆଉ ଜଣେ ତା' ଅଇଁଠା ପତ୍ରରୁ ପେଟ ପାଇଁ ଦାନ ଗୋଟେଇଥାଏ ଜଣେ ସମାଜର ସବୁ ସୁବିଧା ସୁଯୋଗକୁ ହାସଲ କରି ଅୟସରେ ଦିନ କଟିଲାବେଳେ ଆଉ ଜଣେ ସବୁ ସୁଯୋଗରୁ ବଞ୍ଚିତ ହୋଇ ନିଷ୍ପେଷିତ ଜୀବନ ବିତାଏ କାହିଁକି ? ବୋକାଙ୍କ ପରି ଚନ୍ଦନର ମୁହଁକୁ ଚାହିଁଥିଲା ସସ୍ମିତା । ମଫସଲରୁ ଆସିଥିବା ତା'ପରି ଜଣେ ସରଳ ନିରୀହଝିଅ ମୁଣ୍ଡରେ ଏପରି ସମାଜତତ୍ତ୍ୱ କିଛି ପଶୁ ନଥିଲା । ଚନ୍ଦନ ସସ୍ମିତାର ଅବସ୍ଥା ଦେଖି ହସି ଦେଇଥିଲା । ସସ୍ମିତା ପ୍ରଥମ ଦେଖାରେ ହିଁ ଚନ୍ଦନର ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇଯାଇଥିଲା । ଏଣୁ ତା'ର ଯେକୌଣସି ସମସ୍ୟାର ସମାଧାନ ପାଇଁ ଦୌଡିଯାଉଥିଲା ଚନ୍ଦନ ପାଖକୁ । ଚନ୍ଦନ ମଧ୍ୟ ତା' ଶକ୍ତି ମୁତବକ ସାହାଯ୍ୟ କରୁଥିଲା । ସବୁକିଛି ଠିକ୍ ଠାକ୍ ଥିଲା । ସେ ବର୍ଷ ଚନ୍ଦନ ଓ ତାଙ୍କ ଗ୍ରୁପ୍ ର କେତେଜଣ ପିଲା ତାଙ୍କ ଗାଇଡ୍ ପ୍ରଫେସରଙ୍କା ସାଙ୍ଗରେ ବଣ୍ଡାଜନଜାତିଙ୍କ ଜୀବନ ଉପରେ ଗବେଷଣା ପାଇଁ ଯାଇଥିଲେ କୋରାପୁଟକୁ । ସେଠି ସେମାନେ କ୍ୟାମ୍ପ ପକେଇ ସେମାନଙ୍କବିଷୟରେ ଅନୁଧ୍ୟାନ କରୁଥିଲେ । ହଠାତ୍ ଦିନେ ଚନ୍ଦନ କୁଆଡେ ଅନ୍ତର୍ଦ୍ଧାନ ହେଇଗଲା । ତାକୁ ସମସ୍ତେ ଖୋଜିଲେ । ପୁଲିସ ଓ ଅଗ୍ନିଶମ ବିଭାଗରେ ମଧ୍ୟ ସାହାର୍ଯ୍ୟ ନେଲେ, ହେଲେ ପାଇଲେନି । ସମସ୍ତେ କହିଲେ, କୌଣସି ବନ୍ୟଜନ୍ତୁର ଶିକାର ହୋଇଗଲା ଚନ୍ଦନ ।

ଖବର ପାଇଁ ସସ୍ମିତ ବହୁତ କାନ୍ଦିଲା । ଦୁଃଖ ସେତିକିରେ ସରି ନ ଥିଲା । କିଛିମାସ ପରେ ହିଁ ସସ୍ମିତାର ବାପାଙ୍କର ଆକସ୍ମିକ ଦେହାନ୍ତ ଘଟିଥିଲା । ବଡ ଝିଅ ହିସାବରେ ପାଠରେ ଡୋରି

ବାନ୍ଧି ସେ ଜଏନ୍ କରିଥିଲା । ଆଇସିଡିଏସ୍ ସୁପରଭାଇଜର ଚାକିରିରେ । ଘରର ବୋଝକୁ ମୁଣ୍ଡେଇ ବଞ୍ଚିବାରେ ସଂଗ୍ରାମ କରୁ କରୁ ଭୁଲିଯାଇଥିଲା ଚନ୍ଦନର ସ୍ମୃତିକୁ । ଆଜି ହଠାତ୍ ଏ ଲୋକଟାକୁ ଦେଖି କେମିତି ତାକୁ ଲାଗିଲା ଏ ଯେମିତି ଚନ୍ଦନ ।

କଣ୍ଡକ୍ଟର ଡାକିଲା, ' 'ଦିଦି ଆପଣ ଏଠି ବସିବେ । ଏ ଭଦ୍ରଲୋକ ଆଗ ଷ୍ଟପେଜ୍ ରେ ଓହ୍ଲେଇଯିବେ ।'' ଭଦ୍ରବ୍ୟକ୍ତି ଜଣକ ସସ୍ମିତାକୁ ସିଟ୍ ରେ ବସିବା ପାଇଁ କହି ନିଜେ ଯାଇ ଡୋର ପାଖରେ ଠିଆହେଲା । ସେ ବସୁ ବସୁ ତା' ପାଟିରୁ ହଠାତ୍ ବାହାରିପଡିଲା, 'ଚନ୍ଦନ' । ବାହାରକୁ ଏକ ଲୟରେ ଚାହିଁ କିଛି ଭାବୁଥିବା ଲୋକଟି ଚମକିପଡି ସସ୍ମିତା ମୁହଁକୁ ଚାହିଁଲା । ତା' ମୁହଁରେ ଅବିଶ୍ୱାସର ଚିହ୍ନ । ଚିହ୍ନା ପଡିଯିବାର ଆତଙ୍କ । ସେ ପୁଣି ପଚାରିଲା, ' ' ଚନ୍ଦନ, ତୁମେ ଏବେ କେଉଁଠି ରହୁଛ ? ମୁଁ ଚନ୍ଦନ ନୁହେଁ ।'' କହିଲା ଲୋକଟି, କିନ୍ତୁ ତା' ସ୍ୱରରୁ ସସ୍ମିତା ଆହୁରି ନିଶ୍ଚିତ ହେଇଗଲା ଯେ ସେହି ଚନ୍ଦନ । କହିସାରି ତରତର ହୋଇ ଲୋକଟା ଡୋର ପାଖକୁ ଯାଉଯାଉ ପାଟିକରି କହିଲା, ' 'ବସ୍ ରଖ, ରଖ, ମୁଁ ଏଇଠି ଓହ୍ଲେଇବି.... ।'' ବ୍ରେକ୍ ମାରି ବସ୍ ରହିଗଲା । ଲୋକଟା ଡିଆଁମାରିବା ଭଳି ଓହ୍ଲେଇଗଲା ଓ ସନ୍ଧ୍ୟାରେ ଅନ୍ଧାର ଭିତରେ ହଜିଗଲା । ସସ୍ମିତା କିଛି ବୁଝିବା ଆଗରୁ ବସ୍ ଛାଡିଦେଲା ।




**R. S. TUTORIALS**

SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English**
**And also M. A. Entrance, (Pol. Science)**


— Contact : 9861462581, 9861816123 —

# ପ୍ରକୃତ ବନ୍ଧୁ

ପ୍ରତାପ ଚନ୍ଦ୍ର ରାଉତ

ରାଜୁ ବଡ ଘରର ପିଲା । ସେ ସବୁବେଳେ ଭଲ ଖାଏ, ଭଲ ପିନ୍ଧେ, ଏପରିକି ତା'ର ସମକକ୍ଷ ପିଲାମାନଙ୍କ ସହିତ ସାଙ୍ଗ ହୁଏ । ଅବଶ୍ୟ ଶ୍ରେଣୀରେ ଦୁଇ ନମ୍ବର ସ୍ଥାନରେ ରହୁଛି, ହେଲେ ସେଥିପାଇଁ ସେ କେବେ ମନ ଊଣା କରେ ନାହିଁ । ତାହାର ଅନ୍ୟ ସାଙ୍ଗମାନେ ହେଲେ ବିଜୁ, ବିପିନ୍, ରବି । ସାଙ୍ଗମାନେ ତାହା ପାଇଁ ସବୁକିଛି । ଭଲରେ ମନ୍ଦରେ ସେ ସେହି ସାଙ୍ଗମାନଙ୍କ ଘରକୁ ବୁଲିଯାଏ । ଘରୁ ଭଲମନ୍ଦ ଯାହା ଆଣେ ସେ ତାହାର ସେହି ତିନିସାଙ୍ଗଙ୍କୁ ଦେଇଥାଏ । ଦିନେ ସେମାନଙ୍କୁ ନ ଦେଖିଲେ ପାଗଳପ୍ରାୟ ହୋଇଯାଏ । ସେହି ତିନିସାଙ୍ଗଙ୍କୁ ଯଦି କେହି କିଛି ଖରାପ କରି କହିଦେଇଛି, ତା' ହେଲେ ତ କଥା ସରିଲା, ମାଡଗୋଳ କରିଦେଉଥିଲା । ରାଜୁ ସାଙ୍ଗରେ କପିଳା ବୋଲି ଏକ ଛୋଟ ପିଲାଟିଏ ପଢୁଥାଏ । ସେ ଏମାନଙ୍କ ସହ ସାଙ୍ଗ ହେବାପାଇଁ ଚେଷ୍ଟା କଲେ ମଧ୍ୟ ତାଙ୍କୁ ସେମାନେ ଘୃଣା କରନ୍ତି । କାଳେ ଛୋଟା ସାଙ୍ଗରେ ସାଙ୍ଗ ହେଲେ ସେମାନଙ୍କ ସମ୍ମାନ ଚାଲିଯିବ, ସେଥିପାଇଁ ରାଜୁ ଓ ତା'ର ସାଙ୍ଗମାନେ ତା'ଠାରୁ ଦୂରେଇ ରହନ୍ତି । ସେ ଯଦି ରାଜୁ ଆଡେ କେବେ ଆସୁଥିବାର ଦେଖେ, ତାକୁ ଦେଖି ରାଜୁ ଲୁଚିଯାଏ । ଏହା କପିଳା ମଧ୍ୟ ଜାଣିପାରି ମନ ଦୁଃଖ କରି ରହିଯାଏ । ଦିନକର କଥା ଖରାମାସ, ରାଜୁ ତା'ର ସାଙ୍ଗମାନଙ୍କ ଘରକୁ ବୁଲିଯାଇଥାଏ, ଘରକୁ ଫେରିବାବେଳକୁ ତା' ସାଇକେଲ ଫିକ୍ ହୋଇଯାଇଥାଏ । ସବୁ ସାଙ୍ଗମାନେ ହସି ହସି ମଜା ନେଉଥା'ନ୍ତି । ରାଜୁକୁ ଥଟ୍ଟାକରି କହୁଥା'ନ୍ତି, ରାଜୁ ତୁ ପଦବାବୁ କର୍ ରେ ଘରକୁ ଯାଆ (ଚାଲିଚାଲି) । ରାଜୁକୁ ଖରାବେଳକୁ ସାଙ୍ଗମାନଙ୍କ ଥଟ୍ଟାମଜା କଥା ବହୁତ ଅପମାନବୋଧ ହେଲା । କ'ଣ କରିବ ନିଜର ଆପଣାର ସାଙ୍ଗ ତ, କହିବ କାହାକୁ । ସାଇକେଲ ଗଡାଇ ଗଡାଇ ଚାଲିଚାଲି ଚାଲିଥାଏ । ବାଟରେ ଛୋଟା କପିଳା ଘର କାଳେ କପିଳା ଭେଟ ହୋଇଯିବ ତାକୁ ଲାଜ ଲାଗିବ ସେଥିପାଇଁ ତରତର ହୋଇ ଯିବା ବାଟରେ ରାଜୁ ପଡିଯାଇଛି । ସେ ପଡିବା ସମୟରେ କପିଳା ଘରେ ଥାଇ ଦେଖିଦେଇଛି । ତାହାର ସାଙ୍ଗ ରାଜୁ ପଡିଯାଇଛି, ସେ ଘରୁ ଦୌଡାଇ ଦୌଡାଇ ସେଠାରେ ପହଞ୍ଚି ସାଙ୍ଗକୁ ଉଠାଇନେଇଛି । କପିଳା ଆଖିରେ ଆଖିଏ ଲୁହ ଯେ, ତା' ସାଙ୍ଗ ଖଣ୍ଡିଆଖାବରା

ହୋଇଯାଇଛି । ତାକୁ ତାଙ୍କର ଗରିବ କୁଡିଆକୁ ଡାକିଛି ଏବଂ ମନ ଦୁଃଖରେ କହିଛି ଆମର ଗରିବ ଘର, ତମର ବଡଲୋକ, ତମ ପାଦ ଆମ ଘରେ ପଡିଲା, ଆମ ଘର ସ୍ୱର୍ଣ୍ଣ କୁଡିଆରେ ପରିଣତ ହୋଇଯିବ । ରାଜୁର ସବୁ ଗର୍ବ ଅହଙ୍କାର ଭାଙ୍ଗିଯାଇଛି । କିଏ ପ୍ରକୃତ ବନ୍ଧୁ, କାହା ସହ ସାଙ୍ଗ ହୋଇଥିଲେ ଭଲ ହୋଇଥାନ୍ତା, ତାହା ସେ ବୁଝିପାରିଛି । ଯେଉଁ ସାଙ୍ଗଟି ଛୋଟା ବୋଲି ତାକୁ ସେ ଘୃଣାକରେ, ସେହି ସାଙ୍ଗ ଆଜି ତାହାପାଇଁ ଯାହା କରିଛି ତାହା ସେ ମନ ମଧ୍ୟରେ ହୃଦୟଙ୍ଗମ କରିପାରିଛି । କପିଳାର ବାପା ବୋଉ, ରାଜୁ ପାଇଁ ବଜାରରୁ ମିଠା,ମାଛ ଆଣି, ଔଷଧପତ୍ର ଆଣି ପୂର୍ବଠାରୁ ଅଧିକ କରି କପିଳାକୁ କହିଛନ୍ତି, ରାଜୁକୁ କହ, ଆଜି ଆମ ଘରେ ରହୁ । ଭଲ ହୋଇଗଲେ ତାଙ୍କ ଘରକୁ ଯିବ । ରାଜୁ ମଧ୍ୟ ନିଜ ଘରକୁ ଖବର ଦେଇଛି ଯେ, ସେ ତା'ର ପ୍ରକୃତ ସାଙ୍ଗ ଘରେ ଅଛି । ଏବେ ରାଜୁ ଓ କପିଳା ଦୁହେଁ ଗୋଟିଏ ଅଫିସ୍ ରେ କିରାଣି ଭାବରେ କାମ କରୁଛନ୍ତି । କପିଳା କିନ୍ତୁ ସେ ଛୋଟବେଳର ସାଙ୍ଗ ପରି ରାଜୁକୁ ଏବେ ମଧ୍ୟ ଭଲପାଉଛି । ଜଣେ ବଡ ଅଫିସର ଭାବେ ସେ ରାଜୁକୁ କେବେ ଘୃଣା କରି ନାହିଁ ବରଂ ଗୋଟିଏ ଅଫିସ୍ ରେ କାମ କରୁଥିବାରୁ ନିଜକୁ ଧନ୍ୟ ମନେକରୁଛି । ତେଣୁ ବନ୍ଧୁତାରେ ବଡ ସାନ ନ ଥାଏ ଜୀବନରେ କେବେହେଲେ ଶାରୀରିକ ଅକ୍ଷମ ବା ବିକଳାଙ୍ଗ ବ୍ୟକ୍ତିଙ୍କୁ ଘୃଣା କରିବା ନାହିଁ ।

# ସମୟର ଦେବଦୂତ

ସୁକାନ୍ତି ସାହୁ

ଏପ୍ରିଲ୍ ଏକ ତାରିଖ । ସୋମବାର ନଅଟା ତିରିଶ ମିନିଟ୍ । ଶୀତ ସକାଳରେ କଅଁଳ ଖରା ଆଉ ନାହିଁ । ଗଛପତ୍ରଙ୍କ ସବୁଜ ଚଟାଣରେ ମୁକ୍ତା ଭଳି ବିନ୍ଦୁ ବିନ୍ଦୁ ଶିଶିର କେବେଠୁ ଶୁଖିଗଲାଣି । ସକାଳ ଦଶଟା ହେବାପୂର୍ବରୁ ସୂର୍ଯ୍ୟଙ୍କର ପ୍ରଖର ତାତି ଘର୍ମାକ୍ତଶରୀରକୁ କ୍ଲାନ୍ତ କରିଦେଇଛି । ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ରତାପ ପରି ମନ ବ୍ୟଥିତ ହେଉଛି ମନିକାର । ଆଜି ତାକୁ ଆଦୌ ଭଲ ଲାଗୁ ନାହିଁ ।

କପାଳରେ ଝାଳସବୁ ଥପ୍ ଥପ୍ ହୋଇ ବହିପଡୁଥିବାରୁ ରୁମାଲ ଖଣ୍ଡକରେ ମୁହଁ ପୋଛୁ ପୋଛୁ.... ପତିଦେବ ସମୀରବାବୁ ଘରକୁ ପଶିଆସି କହିଉଠିଲେ...... ଆରେ ବାପ୍ ରେ ବାପ୍, ଏ ଯେଉଁ ଖରା ହେଉଛି ମଣିଷ ଘଡିଏ ଜିଇଁବା କଷ୍ଟ । ଫୁଙ୍ଗୁଳା ଦେହର ଗାମୁଛାକୁ ବୁଲାଇନେଲେ ପାଖ ବେଞ୍ଚ ଉପରେ ବସିପଡି କହିଲେ.... ହଇହେ ମୋତେ ସାଦା ପାଣି ଗ୍ଲାସେ ଆଣିଦିଏ ? ମୋତେ ଆଜି କଟକ ଯିବାରେ ଅଛି ।

ମନିକାର ବାରଣ୍ଡାର ଗ୍ରୀଲଦେଇ ଭଙ୍କିମାରିଲା ଦାଣ୍ଡ ରାସ୍ତାକୁ ସମୀରଙ୍କର ଚେକିହୋଇଥିବାଆଖିର ସୁନ୍ଦର ଭ୍ରୁଲତା ଆଡକୁ ଅନାଇ ମନିକା କହିଲା .......ଆଜି ପଖାଳ ଖାଇବ ?ପ୍ରଶ୍ନର ଉତ୍ତରରେ ସମୀର ରାଜି ହୋଇ ଯାଇ କହିଲା, କ'ଣ ଆଇଟମ୍ ବନେଇଛ ? ବଡି ବାଇଗଣ ଆଉ ଆଳୁଚଟଣୀ ଅଛି ତ !

ମନିକାର ମନେପଡିଲା ପିଲାଦିନର କଥା । ବାପା ସ୍କୁଲ କୁ ଯିବା ପୂର୍ବରୁ ମା' କେମିତି ନଅଟୁଣ, ଛଅ ଭଜା କରି ବାପାଙ୍କ ପାଖରେ ବସି ବନେଇ ଖୁଆଉଥିଲା । ଏଇଟା.... ଭଲ ହୋଇଛି କହି ମା'କୁ ହସି ହସି କେତେ ଧନ୍ୟବାଦର ବାଣୀ ଶୁଣାଉଥିଲେ । ବାପା ମାଆର ହାତ ପରଷା ଖାଇବା ପାଇଁ ଅପେକ୍ଷା କରୁଥିଲେ ବିଦ୍ୟାଳୟରୁ ଫେରିବା ସମୟ ପର୍ଯ୍ୟନ୍ତ । ଏକଥା ଭାବି ଭାବି ମନିକା ରୋଷେଇଘରକୁ ମୁହାଁଇଲା ।

ରାନ୍ଧିବା ଖାଇବା ଶୋଇବା ଛଡା ଆଉକିଛି ଘଟୁନିସୃଷ୍ଟିରେ କାହିଁକି ? ଏମିତି ଅଦୁଆ ପ୍ରଶ୍ନ ଭିତରେ ଛନ୍ଦି ମନଟାକୁ, ଟେବଲ ଉପରେ ଦହି ଭାତ, ଆଳୁ ଚଟଣୀ ପଣସ ତରକାରୀ ବାଢିଦେଲା । ସମୀର ଖାଇବାସିଲେ ଟେବଲ ଉପରେ । ଦେଖୁଥିଲା ମନିକା ଦୂରରେ ଥାଇ । ଭାବୁଥିଲା ଏଇ

ତରକାରୀରେ କଣ୍ଟା ନାହିଁ, ହେଲେ ଏତେ ବ୍ୟସ୍ତରେ ଚୋପାସବୁ ଦନ୍ତ ମଝିରୁ ବାହାର କରିବା କ'ଣ ଦରକାର ? ଏତେ ବର୍ଷ ଘରକରଣା ଭିତରେ ରାନ୍ଧିବାର ପ୍ରଣାଳୀ ବୋଧହୁଏ ଅବୁଝା ରହିଯାଇଛି । ମନସ୍ତାପ ଭିତରେ ଏତେଶୀଘ୍ର ସମୀରଅବୁ ବାହାରିପଡିଲେ କଟକ ଯିବାକୁ ମନିକା ଜାଣିପାରିନାହିଁ ।

ପ୍ୟାଣ୍ଟ ସାର୍ଟ ପିନ୍ଧି ବାହାରିପଡିଲା ବେଳେ ମନିକାହାତରେ ପାଣିବୋତଲ ଓ ହେଲ୍ ମେଟ୍ ଧରାଇଦେଲା ପ୍ରଶ୍ନ କରିଥିଲା ଆଜି ଏତେ ଖରାରେ କଟକ ଯିବା କ'ଣ ନିହାତି ଦରକାର ।

ପ୍ରଶ୍ନର ଉତ୍ତର ଦେବାପାଇଁ ଅଟକି ଗଲା ସମୀର । କହିଲେ କଟକର ଓକିଲ ସଞ୍ଜୟବାବୁ ମୋତେ ଦିନ ଏକଗାରଟାବେଳେ ଯିବାପାଇଁ ସମୟ ଧାର୍ଯ୍ୟ କରିଛନ୍ତି । ତେଣୁ ମୋତେ ଏଗାରଟା ଭିତରେ ପହଞ୍ଚିବାକୁ ପଡିବ । ମନରେ ମନିକା ପ୍ରଶ୍ନ କରିଥିଲା ଯେ.....ଆଜ୍ଞାଧୀନ ଛାତ୍ର ଭଳି କର୍ତ୍ତବ୍ୟଟେ ପାଳନ କରିବା ପାଇଁ ବ୍ୟସ୍ତ ହୋଇଯାଉଛି କାହିଁକି, ଉପରବେଳକୁ ଗଲେ ଚଳିବ ନାହିଁ । ମନିକାର କଥାକୁ ସହଜରେ ଗ୍ରହଣ କରିପାରି ନଥିଲା ସମୀର ।

ଝଡଭଳି ବାହାରିଗଲେ ରାଜରାସ୍ତାକୁ । ବାଇକ୍ ରେ ବେଗ ବଢିଯାଇଥିଲା କଟକ ଅଭିମୁଖେ । ସାହସ ବାଳକ ଇଏ ସ୍ୱାବଲମ୍ବୀ ହୋଇ ସ୍ୱପ୍ନପିପାସୁ ମନ ଏକ ବାଇକ୍ ରେ ସାରା ଓଡିଶା ଘୂରିଛନ୍ତି । ଥକି ଯାଇନାହାନ୍ତି କେବେ । କ୍ଲାନ୍ତ ଦେହ ନେଇ କେବେ ଅସମୟରେ ଲୋଟିପଡି ନାହାନ୍ତି ଭୂଇଁରେ । ରାତି ବାରଟାରେ ବି ଫେରନ୍ତି, ତେଣୁ ଏଇ ବିଶ୍ୱାସରେ ମନରେ ଭୟ ଦୂର କରି ଆସିବା ଅଗମନକୁ ଅପେକ୍ଷା କରୁଥିଲା ମନିକା । ଭୟର ବହୁପାଶରେମନକୁ ନ ଛନ୍ଦି....ପୁଣି ଫେରୁଥିଲା ମନ କର୍ତ୍ତବ୍ୟର ପଥକୁ । କେତେ କାମ ବାକି ଅଛି ତାକୁ କରିବାକୁ ହେବ । ଆଜି ଏପ୍ରିଲ୍ ଏକ ତାରିଖ ସୋମବାର ଜନକ୍ରାନ୍ତି ପରିଷଦପକ୍ଷରୁ ନିମନ୍ତ୍ରଣ ଅଛି ମନିକାର । ଅପେକ୍ଷାକରି ବସିଛନ୍ତି ସଂସଦର କର୍ମକର୍ତ୍ତାମାନେ । ତାକୁ ଯିବାକୁ ହେବ । ଆଉ କୋଡିଏ ମିନିଟ୍ ବାକି ଅଛି ପ୍ରସ୍ତୁତ ହୋଇ ଯିବ ସଭାସ୍ଥଳକୁ ।

ଏଥର ପ୍ରସ୍ତୁତ କରିନେଲା ନିଜକୁ । କାଗଜଟିଏ କାଢିଆଣି ଲେଖିଲା, ଉତ୍କଳ ଦିବସରେ ମହତ୍ତ୍ୱକୁ । ପାର୍ଥିବ ପଦାର୍ଥରେ ଆକର୍ଷଣ ନ ରଖି ସତ୍ ମାର୍ଗରେ ଚଳିବା ହିଁ ସବୁଠାରୁ ବଡ କଥା । ଆମେ ଯେତିକି ଉନ୍ନତ ହେଉଛି ଆମର ସେତିକି ଅଧୋଗତି ହେଉଛି କେବଳ ଏତିକି ପାର୍ଥକ୍ୟ । ଯାହା ଅସଭ୍ୟ ମାନବ ଦିବାଲୋକରେ କରୁଥିଲା ତାହା ଆଜିର ସଭ୍ୟମନୁଷ୍ୟ ତାକୁ ଲୁଚେଇ

କରୁଛି । ସେଇ ବିଷୟାଶକ୍ତ,ସେଇ ପାଶବିକତା ସମାଜର, ଭ୍ରଷ୍ଟାଚାର ଆଉ ଓଡ଼ିଶା ଭାଷାରେ ଭବିଷ୍ୟତ ବିଷୟରେ ଦୁଇ ଧାଡ଼ି ଲେଖିବସିଲା ମନିକା ।

ଫୋନ୍ ଆସିଲା, ରିଂ...... ରିଂ....... ଧଡ଼୍ ପଡ଼୍ ହୋଇ ଉଠିବସିଲା ମନିକା । ସଙ୍ଗେ ସଙ୍ଗେ ଭାବିଲାଏଇ ଫୋନ୍ ଟି ନିଶ୍ଚୟ ଜନକ୍ରାନ୍ତି ପରିଷଦ ପକ୍ଷରୁ ଆସିଅଛି । ଉଠାଇନେଲା ଫୋନ୍...... ଫୋନ୍ ର ରିଆଜରେ ଥିଲା ମା'........ କେତେବେଳେ ଆସିବ ଏଇ.ପି.ଡବ୍ଲ୍ୟୁ.ଡି. ଡାକବଙ୍ଗଳାରେ ମିଟିଂ ଚାଲିଛି ଶୀଘ୍ର ଆସ । ସମ୍ବାଦିକମାନେ ପହଞ୍ଚିସାରିଲେଣି...... ନିତ୍ୟାନନ୍ଦ ସାରଙ୍କର ସ୍ୱର ସ୍ପଷ୍ଟ ବାରି ହୋଇଯାଉଥିଲା । ହଁ, ଆଜ୍ଞା ଯାଉଛି କହି ଫୋନ୍ ଟି ରଖିଦେଲା ।

ପାଖଘରର ପୁଅ ବାପି ସହିତ ବାହାରିଗଲା ମଟର ବାଇକ୍ ରେ ସେଇ ଡାକବଙ୍ଗଳାକୁ । ସେମାନଙ୍କ ପରିବେଷ୍ଟିତ ମଧୁବାବୁଙ୍କର ଜୀବନୀ ଉପରେ ଆଲୋକପାତ କରିବାକୁ ମନିକାକୁ ପରାମର୍ଶ ଦେଲେ । ମନିକା ସୀମିତ ଜ୍ଞାନ ଭିତରେ ପରିପ୍ରକାଶ କରିଥିଲା ଉତ୍କଳ ଦିବସ..... ଲକ୍ଷ ଆଉ ଉଦ୍ଦେଶ୍ୟ... ଏଣେ ଚାଲିଥିଲା କାର୍ଯ୍ୟକ୍ରମ.....ହଠାତ୍ ଫୋନ୍ ର ଆୱାଜ୍ ଆସିଲା । ବାରମ୍ବାର ଫୋନ୍ ଉଠାଇବାକୁ ଚେଷ୍ଟା କରି ପରବର୍ତ୍ତୀ କାର୍ଯ୍ୟକ୍ରମମାନଙ୍କରୁ ଯଥାସାଧ ଅପ୍ରକାଶ୍ୟ ଭାବରେ ନିଜକୁ ଦୂରେଇ ରଖିବାର ଉପକ୍ରମ କରୁଥିଲା ମନିକା । ହେଲେ ପାରିଲାନି । ବାରମ୍ବାର ଫୋନ୍ ରିଆଜରେ ଭୀତତ୍ରସ୍ତ ମନଟା ଆଉ ଯାହା କହିବ ପାଇଁ ଭାବପ୍ରକଟ କରୁଥିଲା ତାହା ସେଇ ବିଷୟବସ୍ତୁରେ ହିଁ ଅଟକିଗଲା । ସେ ଭାବି ନଥିଲା ଏଇ ଫୋନ୍ ର ରିଆଜ ତା' ଜୀବନ ରକ୍ଷାର କଲିଂବେଲ୍ ଥିଲା ।

ବାହାରକୁ ଆସିଲା । ଅନୁଷ୍ଠାନର ପ୍ରାଙ୍ଗଣରେ ଥାଇ ନିରୀକ୍ଷଣ କଲା ନମ୍ବରଟିକୁ । ଏଇଟା କମ୍ପାନୀର ବୋଧହୁଏ । ନିଜ ଲୋକରେ ହୋଇଥିଲେ ଅନ୍ତତଃ ନାମଟା ପଡ଼ି ହୋଇଥାନ୍ତା । ତେଣୁ ଭୟ ସଙ୍କୋଚ ଭାବରେ ଫୋନ୍ ଟିକୁ ଉଠାଇ ପ୍ରଶ୍ନ କଲା ।

ଆପଣ କିଏ ? ଏତେ ଫୋନ୍ କରି ମୋତେ ବ୍ୟତିବ୍ୟସ୍ତ କରୁଛନ୍ତି ?

ଉଦ୍ଦେଶ୍ୟ କ'ଣ ?

କାହାକୁ ଖୋଜୁଛନ୍ତି ?

ଘଟଣାଟି ଚରମ ଅବସ୍ଥାରେ ପହଞ୍ଚି ଯାଇଥାଏ । ଉତ୍ତର ଆସିଲା, ଆପଣ କୋଉଠୁ କହୁଛନ୍ତି...... ମନିକା ଉତ୍ତର ଦେଲା, ମୁଁ ଢେଙ୍କାନାଳରୁ କହୁଛି....... ଆପଣ କିଏ କହୁଛନ୍ତି...... ଅଚିହ୍ନା ବ୍ୟକ୍ତି ଜଣକ କହିଲା ମୁଁ ଆଜ୍ଞା ଜଣେ ବାଟୋଇ । ମୋ ନାମ ଗୌରାଙ୍ଗ ସିଂହ । ଘର

ମୋର ସାଲେପୁରରେ ମୁଁ କଟକରେ ଚାକିରି  କରୁଛି. ଏଇ ବାଟଦେଇ ଆସୁଥିଲା । ତେଣୁ ଏଇ ଲୋକଟି ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ଆପଣଙ୍କର ଏଇ ନମ୍ବର ଥିବା ବାବୁଙ୍କୁ ଚିହ୍ନିଛନ୍ତି କି ? ପାଦ ତଳର ମାଟି ଖସିଗଲା ମନିକାର ।

ପ୍ରଶ୍ନ କ'ଣ......, ହଁ  କ'ଣ ହୋଇଛି କୁହନ୍ତୁ......

ଅଚିହ୍ନା ବ୍ୟକ୍ତିଜଣଙ୍କର ମୁଁ ହେଉଛି ତାଙ୍କ ମିସେସ୍..... ଏଇ ନମ୍ବରଟି ଆମର ।

ଏବେ ସମସ୍ତ ତଥ୍ୟ ସଂଗ୍ରହ ପରେ ମନିକା ସନ୍ଦେହ ମୁକ୍ତ ହୋଇଗଲା...... ପ୍ରଶ୍ନର ଉତ୍ତର ତା' ହାତରେ...... ।

ଅଚିହ୍ନା  ବ୍ୟକ୍ତିର ସଂଳାପ ଥିଲା......ଆପଣ ଗାଡି ଆସନ୍ତୁ, ଚିକିତ୍ସା ବନ୍ଦୋବସ୍ତ କରିବା । ତାଙ୍କର ଚେତ ନାହିଁ । ମନିକାର ରକ୍ତକୋଷରୁ  ରକ୍ତ ଶୁଖିଗଲା ଭଳି ଲାଗୁଛି । କ'ଣ କରିବ ଭାବିପାରୁ ନଥିଲା । ବାରମ୍ବାର ଅନୁରୋଧ କରି କହୁଥିଲା, ଆପଣ ଡାକ୍ତରଖାନ ନେଇ ଚାଲ..... ମୁଁ ଗାଡିରେ ପହଞ୍ଚୁଛି  ଘଣ୍ଟାକ ଭିତରେ ।

ବାଷ୍ପରୁଦ୍ଧ ହୋଇଯାଉଥିଲା ମନିକାର ।

ବିଭୁଙ୍କର ଆଶୀର୍ବାଦ ଥିଲା ସେଦିନ ସମୀରଙ୍କ ପାଇଁ ଫୋନ୍ ଟି  ଆଡେଇ ଗୌରାଙ୍ଗବାବୁ ଶେଷ କଲ୍ ଟି  ଖୋଜିବସିଲେ । ସଙ୍ଗେ ସଙ୍ଗେ ସେଇ ଫୋନ୍ ନମ୍ବରଟି ପ୍ରଖ୍ୟାତନାମୀ ଓକିଲ ସଞ୍ଜୟ ମିଶ୍ରବାବୁଙ୍କର ଥିଲା, ଯେଉଁଥିରେ କି ସମୀରବାବୁ ଏଗାରଟାରେ ପହଞ୍ଚିବା ପାଇଁ ସମୟ ଧାର୍ଯ୍ୟ କରିଥିଲେ । ଶେଷପଦ.....ଶେଷ କଲ୍ ଟି  ବୋଧହୁଏ ସମୀରଙ୍କର ଜୀବନରକ୍ଷା ପାଇଁ ଆଗେଇ ଆସିଲା ।

ସୂର୍ଯ୍ୟଙ୍କ ଗତି ପ୍ରଖର ହୋଇଛି । ପୂର୍ବଦିଗ ସମ୍ପୂର୍ଣ୍ଣ  ଉଜ୍ଜ୍ୱଳ । ପାଖ ଟେବୁଲ ଉପରେ ବସି ବିରାଟ ଦୁନିଆ ଉପରେ ଘଟିଯାଉଥିବା ଛୋଟବଡ ସଂଖ୍ୟାତୀତ ଘଟଣା ସଂପର୍କରେ ଅବଗତ କରାଇ ଦୋଷିକୁ ଦଣ୍ଡଦେବାର  ନିୟମର ଆଶ୍ରୟଦାତା ସଞ୍ଜୟବାବୁ ବସିଥିଲେ । ହଠାତ୍ ଫୋନ୍ ର କ୍ଷୀଣ ଶବ୍ଦଟିଏ ହେଲା । ସଚେତନ  ହୋଇଉଠିଲେ ଓକିଲ ବାବୁ । କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ଏବଂ ନିର୍ବାକ୍ ଭାବରେ ଚାହିଁ ରହିଲେ ଫୋନ୍ ଟି ଉଠାଇ । ଏଇ ବ୍ୟକ୍ତିଜଣଙ୍କ କିଏ, ଯିଏ ଦୁର୍ଘଟଣାର ସୂଚନା ଦେଲେ ଉତ୍ତରକୁ ଅପେକ୍ଷା ନ କରି ସହୃଦୟତା ସହିତ କହିଲେ.... ଆଜ୍ଞା ମୁଁ ୟାଙ୍କୁ ଜାଣିଛି । ଆପଣ ସଠିକ୍ ଜାଗା ନିରୂପଣ କରନ୍ତୁ । ମୁଁ ସଙ୍ଗେ ସଙ୍ଗେ ପହଞ୍ଚୁଛି । ଅପରିଚିତ  ବ୍ୟକ୍ତିଜଣକ ବିବେକାନନ୍ଦ  ମଠ ପାଖକୁ ଆସିବା ପାଇଁ ପ୍ରବର୍ତ୍ତାଇଲେ । ଫୋନ୍ ଟି

ଥୋଇଦେଇ ଓକିଲାବାବୁ ନିର୍ବାକ ଭାବରେ ଚାହିଁରହିଲେ କିଛି ସମୟ ପାଇଁ । ତା' ପରେ ପ୍ରସ୍ତୁତ ହେଇ ଗାଡି ବାହାର କରି ଆଗେଇ ଚାଲିଲେ ଦୁର୍ଘଟଣାଗ୍ରସ୍ତ ଜାଗା ଉପରକୁ ।

ଅନ୍ୟମନସ୍କ ଭାବରେ ଗୌରଙ୍ଗବାବୁ ସମୀରଙ୍କ କ୍ଷତ ଶରୀରକୁ ଧରି ଅପେକ୍ଷା କରିଛନ୍ତି ଓକିଲାବାବୁ ଆସିବା ପଥକୁ । ପହଞ୍ଚିଗଲେ ସଞ୍ଜୟବାବୁ । ତାଙ୍କୁ ଦେଖି ଭାବୁଥିବା ସତ.... ସତ.....ହୋଇଯାଇଛି । ମନେ ମନେ ଇଶ୍ବରଙ୍କୁ ଡାକୁଥିଲେ ଏବଂ ଭାବୁଥିଲେ ଇଏ ......ସେଇ ଅପରିଚିତ ମଣିଷ ଗୌରାଙ୍ଗ ସିଂ ନୁହେଁ, ନା । ଇଏ ପୁରୁଷ ନୁହେଁ ...... ଇଏ ଭଗବାନ୍......
ସମୟର ଦେବଦୂତ ।

ନିରକ୍ଷଣ କରି ଦେଖିନେଲେ ଓକିଲ ବାବୁ ସମୀରବାବୁଙ୍କୁ ....... ପୋଷାକସବୁ ଚିରିଯାଇଛି ଆଣ୍ଠୁରେ ଓ ହାତରେ ଗଭୀର କ୍ଷତ ହୋଇଛି ।

ଉଠାଇଲେ ଆସ୍ତେ ଆସ୍ତେ.... ପାଣିମାରି ଚେତ କରାଇ ଗାଡିରେ ବସାଇବାକୁ ଚେଷ୍ଟାକଲେ । ଜୀବନର ସୁଦୀର୍ଘ ବୟସ ଅବଲୀଳାକ୍ରମେ ଏମିତି ମଟରସାଇକେଲରେ ଗତି ବଢାଇଛନ୍ତି, ହେଲେ କେବେବି ଏମିତି ଭାଗ୍ୟରେ ବିପର୍ଯ୍ୟସ୍ତ ହୋଇନି । ଆଜି ଯଦି ଏଇ ସମୟରେ ଅନ୍ତରାଳରେ ଏଇ ଦେବଦୂତ ପହଞ୍ଚି ନ ଥାନ୍ତେ ତେବେ ଏଇ କଂକ୍ରିଟ୍ ରାସ୍ତା ଉପରେ ଚାପିହୋଇ ଏ ଶରୀର ନିଶ୍ଚିହ୍ନ ହୋଇଯାଇଥାନ୍ତା ।

ଜୀବନର ସାୟାହ୍ନରେ ମ୍ଳାନପୁଷ୍ପ ମଉଳି ଯାଇଥାନ୍ତା । ତେବେ ପରବର୍ତ୍ତୀ ଅବସ୍ଥା କ'ଣ ହୋଇଥାନ୍ତା ତାହା ଭଗବାନଙ୍କୁ ହିଁ ଜଣା ! ଗଭୀର ଅନ୍ତର୍ଦାହରେମର୍ମାନ୍ତିକ ଯନ୍ତ୍ରଣାରେ ମୁଖମଣ୍ଡଳର ରେଖାଗୁଡିକ ତାଙ୍କର କୁଞ୍ଚିତ ହୋଇଯାଉଥିଲା । ଏଇ ଘଣ୍ଟାକ ପୂର୍ବରୁ ନିର୍ଦ୍ଧାରିତ ସମୟ ନିର୍ଦ୍ଧାରଣ କରି ଆସି ଦେଖା କରିବାର ପ୍ରତିଶ୍ରୁତି ସମୀରବାବୁ ଦେଇଥିଲେ । ହେଲେ..... ଏତିକି ବିଳମ୍ବରେ କ'ଣ ଘଟିଗଲା

ସଙ୍ଗେ ସଙ୍ଗେ ଫୋନ୍ ଟିକୁ ବାହାର କରି- ପଚାରିଲେ, ଗୌରଙ୍ଗବାବୁ ସମୀରବାବୁଙ୍କର ମିସେସ୍ କୁ ଫୋନ୍ କର..... ସେ ଆସିଲେ ଚିକିତ୍ସାର ବନ୍ଦୋବସ୍ତ କରିବା...... ।

ଏଣେ ଦେହରେ କ୍ଳାନ୍ତ ପାଦ ଦୁଇଟା ଅଟକିଯାଇଥିଲାବେଳେ ଫୋନ୍ ର ରିଂଟୋନ୍ ପୁଣି ଭୟାତୁର ପାଖକୁ ଡାକିଆଣିଲା କେଉଁ ଏକ ନିଦଭଙ୍ଗା ପକ୍ଷୀଣିର ଡେଣାଝଡା ଶବ୍ଦରେ । ଚେଇଁ ଉଠିଲା ମନିକାର ସମଗ୍ର ସତ୍ତା.... କାହାର ଫୋନ୍ ଆସିଲା କହି..... ଫୋନ୍ ଟାକୁ ଉଠାଇଲା ।

ମନିକାର ପ୍ରଶ୍ନ...... ହଁ'ଣ ଆଜ୍ଞା  କୁହନ୍ତୁ ? ଓକିଲଙ୍କର ପ୍ରଶ୍ନ ଥିଲା.... ଆପଣ ସମୀର ବାବୁଙ୍କର ମିସେସ୍ ନା ।

ଆଜ୍ଞା....

କୁହନ୍ତୁ....।.ସମୀରବାବୁ ଏବେ ଦୁର୍ଘଟଣାଗ୍ରସ୍ତ ଥିଲେ । ତାଙ୍କୁ ଏଇ ଅପରିଚିତ ବ୍ୟକ୍ତିଜଣକ ଚେତା କରାଇ ମୋତେ (ଶେଷ କଲ୍ ଦେଖି  ଡକାଇଛନ୍ତି, ମୁଁ ବର୍ତ୍ତମାନ ତାଙ୍କ ପାଖରେ ପହଞ୍ଚିଲିଣି । ଆପଣ ବ୍ୟସ୍ତ ନ ହୋଇ ଗାଡିଧରି ପହଞ୍ଚନ୍ତୁ । ମୁଁ ସବୁ ଚିକିତ୍ସାର ବନ୍ଦୋବସ୍ତ କରିଦେଉଛି । ଆପଣଙ୍କ ଗାଡିଟି ଅଚଳ ଥିବାରୁ ଗ୍ୟାରେଜ୍ ରେ ଦେଇ ମୁଁ ତାଙ୍କୁ ମୋ' ଘରକୁ ନେଇଯାଉଛି, ଏହା କହି ଫୋନ୍ ଟାକୁ କାଟିଦେଲେ ।

ମନିକାର ପାଦ ତଳର ମାଟି ଖସିଗଲା । ଏମିତି  ଏ ଦୁନିଆରେ  ଭଲ ଲୋକ ଅଛନ୍ତି, ପୁଣି ଦୁଇଦୁଇଜଣ ଜୀବନର ପ୍ରତ୍ୟାଶାର ଆଶାଦେଇ  ଜୀବନ ସଞ୍ଚାର କରିପାରନ୍ତି, ତାହା  ତା'ର କଳ୍ପନାର ବାହାରେ ଥିଲା  । ଭଗବାନଙ୍କର ପାଖରେ ସେ ଚିରକୃତଜ୍ଞ ।

ସେଇ ଝଡଝଞ୍ଜା  ଆକୁଳ  କରୁଣ ମୁହୂର୍ତ୍ତରେ ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରିବା ପାଇଁ ମନିକ ବାହାରିପଡିଲା  ଇଣ୍ଡିକା  ଚାରିଚକିଆ ଧରି । ପାଖରେ ଆସି ପହଞ୍ଚି ଗଲେ ସମୀରଙ୍କର ପ୍ରକୃତ ବନ୍ଧୁ ସମରେନ୍ଦ୍ର  ମହାପାତ୍ର  । ଯିଏ ସୁଖଦୁଃଖରେ ସବୁ ବାଟ ଦେଖେଇବାର ସୂତ୍ର ବତାଇ ଦିଅନ୍ତି  । ତାଙ୍କ ସହିତ  ତାଙ୍କର ପାରିବାରିକ ସମ୍ପର୍କ  । ପାଖ ସିଟ୍ ରେ  ବସିଥାନ୍ତି ।


ଗାଡି ଚାଲୁଥାଏ କ୍ଷିପ୍ର ଗତିରେ, ହେଲେ ଅସ୍ଥିର ମନଟା କେତେ ବେଗରେ ଚାଲୁଥିଲା ତାହା ସମୟ ହିଁ  କହିବ । ମନିକା ଅସ୍ଥିର  ମନଟା କେତେ ବେଗରେ ଚାଲୁଥିଲା ତାହା ସମୟ ହିଁ କହିବ ।  ମନିକା ଅସ୍ଥିର   ହୋଇଉଠିଲା  । ଗାଡି  କଟକରେ ଓକିଲବାବୁଙ୍କ ଘର ପାଖରେ ପହଞ୍ଚିଗଲା  । ଓହ୍ଲାଇ ପଡିଲେ   ମନିକା ସହ ମହାପାତ୍ରବାବୁ । ପାହାଚ ଚଢି ଉପରେ ମହଲାରେ ଯାଇ ପହଞ୍ଚିଗଲେ । ସେତେବେଳେ ଓକିଲବାବୁ ଫାଷ୍ଟଏଡ୍ କରାଇସାରିଥିଲେ । କ୍ଷୀର, ଫଳରସ ଦେଇ ଔଷଧ ଖୁଆଇ ସାରିଥିଲେ । ଭଗବାନଙ୍କୁ ଅଶେଷ ଧନ୍ୟବାଦ  ଜଣାଇ ରହିପାରିଲାନି ମନିକା । ବାଉଣି ପାହାଚ ଚଢି ତା' ମନର କାଳିଆକୁ ସେ  ଦେଖାକରିବ ଏକଥା ମନିକାର ବିଶ୍ୱାସ ନ ଥିଲା। ଧନ୍ୟ ମହାପ୍ରଭୁ .....ଧନ୍ୟ ତମ ମହିମା.....ସମୟର ଦୀର୍ଘତା ଭିତରେ ମଣିଷ ଅପହଞ୍ଚ ଇଲାକାରେ ପହଞ୍ଚେ । ହାରିବା ଜିତିବା ଆଉ ଜିଇଁବା କେବଳ ଭଗବାନ୍ ଙ୍କ ତାଲିକାରେ ହିଁ ଥାଏ, ଏକଥା ସମୟ ପ୍ରମାଣ କରିଛି  ।

ନିଃସନ୍ଦେହ ମନକୁ ନେଇ ମନିକା ଓ ମହାପାତ୍ରବାବୁ ସମୀରବାବୁଙ୍କୁ ନେଇ ଓହ୍ଲାଇ ଆସିଲେ ରାଜରାସ୍ତାକୁ । ପଛରେ ଓକିଲବାବୁଙ୍କର ମିସେସ୍ ବାହାରିଆସିଲେ ପାହାଚ ସାମ୍ନାକୁ । ତାଙ୍କର ମଧୁର ବୋଳା ଆଶ୍ୱସନା ପଦ ଥିଲା.... ଏବେ ଭଲ ହୋଇଯିବେ.....ବ୍ୟସ୍ତ ହୁଅନ୍ତୁ ନାହିଁ । ମଧୁର ଭକ୍ତି ମନିକାର ପ୍ରାଣକୁ ଶୀତଳ କରିଦେଇଥିଲା ।

ଫେରିଆସିଥିଲେ ପାହାଚର ତଳକୁ...... ଗାଡିରେ ନେଇଯାଇଥିଲା ମନିକା ସମୀରବାବୁଙ୍କୁ ମଙ୍ଗଳାବାଗର ସେଇ (ନିଉଲାଇଫ୍ ଏକ୍ସ-ରେ) କରାଇବା ପାଇଁ । ପରେ ତା'ର ରିପୋର୍ଟ ନେଇ ଛୁଟିଯାଉଥିଲା ରାଣୀହାଟର ସେଇ ଚାଣକ୍ୟ ହସ୍ପିଟାଲର (ଅର୍ଥପେଡିକ୍ସ) ବିଶ୍ୱନାଥ ସାହୁଙ୍କୁ ଦେଖାଇବା ପାଇଁ ।

ରିପୋର୍ଟରେ ଚକିତ ହୋଇଯାଇଥିଲା ମନିକା । ଆଖୁରେ ଚକି ଫାଟିଯାଇଥିଲା । ଆଉ ବାମହାତର କାଣି ଆଙ୍ଗୁଠିରେ ଯୋଡାମୁହଁ ଛାଡିଯାଇଥିଲେ । ରିପୋର୍ଟ ଅନୁସାରେ ଔଷଧ ଆଣି ଆସିଥିଲା ମନିକା ।

ଗାଡି ଛୁଟି ଚାଲିଥିଲା ପ୍ରଖର ବେଗରେ, ହେଲେ ମନିକାର ମନ ମାନୁ ନଥିଲା.... ସତରେ ସମୀରା କ'ଣ....ଅମର ହୋଇଗଲେ.... ସ୍ମୃତିରେ ଡକ୍ଟରଙ୍କର ସୂଚନା ଥିଲା...... ଯଦି ମୁଣ୍ଡରେ ହେଲ୍ ମେଟ୍ ନଥାନ୍ତା ତେବେ ଏତେବଡ ଦୁର୍ଘଟଣାରୁ ସେ କେବେ ବର୍ତ୍ତି ନ ଥାନ୍ତେ । ଅଜଣା ବ୍ୟକ୍ତି ଥିଲେ ସମୟର ଦେବଦୂତ.....ଓକିଲବାବୁ ତ୍ରାଣକର୍ତ୍ତା ଆଉ ହେଲମେଣ୍ଟ ହେଲା ଜୀବନର ରକ୍ଷାକର୍ତ୍ତା । ଏମାନଙ୍କ ପାଖରେ ସେ ଚିରକୃତଜ୍ଞ । ସେମାନଙ୍କ ଋଣ ସେ କେବେବି ଏ ଜନ୍ମରେ ଶୁଝିବା ସମ୍ଭବ ନୁହେଁ... କି ନହେବ । ବାକି ରହିଗଲା ସାତଜନ୍ମ ପାଇଁ.......

# EMERALD
## EDUCATION



+2 Science
+3 Science
(Hons & Pass)

**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966

# ଆକ୍ରାନ୍ତ ପୃଥିବୀ

ସୀତାରାମ ସାହୁ

ମାଘ ଏକାଦଶୀରେ ମନୋହରି ପର୍ବରେ ମେଳାରେ ଆସର ବୁଲି ଦେଖିବା ଲାଗି ସମସ୍ତଙ୍କ ମନରେ ଆଗ୍ରହ । ଘରେ ଘରେ ଲାଗି ରହିଛି ବନ୍ଧୁବାନ୍ଧବଙ୍କ ଗହଳି। ଯାତରା ବୁଲି ଦେଖିବା, ପ୍ରିୟଜନଙ୍କ ସହିତ ଭେଟ ହୋଇ କେତେ କ'ଣ ଆଲୋଚନା ଭିତରେ ବିବାହର ଯୋଗସୂତ୍ର ସ୍ଥାପନକୁ ଗୁରୁତ୍ୱ ଦେଇ ଚାଲିଥାନ୍ତି ସର୍ବେ । ଅବିବାହିତ ପୁଅ ଝିଅଙ୍କ ଯୋଗସୂତ୍ର ଆଲୋଚନା ପ୍ରସଙ୍ଗରେ ସ୍ଥାନ ପାଇ ନାନା ରୂପ ନେଇ ଚୂଡାନ୍ତ ହୋଇଥାଏ କାଳକ୍ରମେ । ସେଥିରୁ ପ୍ରେମର ସ୍ଥାନ ନିରୂପଣ ହୋଇଥାଏ କ୍ରମାଗତ ଅଭିସାର ପର୍ବକୁ ନେଇ ।

ସିଲୁ ଭାଉଜଙ୍କ ବାପଘରକୁ ଯିବା ଅବସରରେ ଭେଟ ହୁଏ ଭାଉଜ ଭଉଣୀର ମଝିଆଁ ଝିଅ ରୂପାଲି ସହିତ । ସେ ଦଶମ ଶ୍ରେଣୀର ଛାତ୍ରୀ । ଯାତ୍ରା ଦେଖିବାକୁ ଭାଉଜ କହିଥିବାରୁ ରୂପାଲିକୁ ସାଙ୍ଗରେ ଧରି ଫେରିଥାଏ ସିଲୁ । ଗୁମ୍ମା ଯାତ୍ରାରେ ମେଳିଥାଏ ଅପେରାରେ ମସ୍ ଗୁଲ୍ ଗହଳି। ସାତଦିନ ଧରି ଚାଲିବ ଯାତ୍ରା । ପାଞ୍ଚ ଛଅଟି ଅପେରା ଯୋଗେ ଗୁମ୍ମା ଯାତ୍ରା ଜମିଉଠେ ପ୍ରତ୍ୟେକ ଦିନ ସନ୍ଧ୍ୟା ଆଗରୁ । କାହିଁ କେତେଦୂରରୁ ଛୁଟିଆସନ୍ତି ଯାତ୍ରୀମାନେ –ପିଲାଛୁଆ ଧରି ଯାତ୍ରାକୁ ଉପଭୋଗ କରିବା ନିମନ୍ତେ । ଯାତ୍ରା ଗହଳିରେ ପୂରା ଉଠୁଥାଏ ଗୁମ୍ମାରେ ଚତୁଃପାର୍ଶ୍ୱ । ଯେକୌଣସି ଲୋକର ଉତ୍କଣ୍ଠା ଆଗ୍ରହ ଯାତ୍ରା ଆଡକୁ ଟାଣିଆଣିବା ସ୍ୱାଭାବିକ ।

ସିଲୁ ଓ ରୂପାଲି ଅପେରା ଦେଖିବାକୁ ବାହାରିଲେ । ଯାତ୍ରାସ୍ଥଳରେ ଜୀବନକୁ ଉପଭୋଗ କରିବାର ନାନା ଆସାର ଦେଖିବାକୁ ମିଳେ । ପସନ୍ଦ ମୁତବକ ଉପଭୋଗ ସ୍ଥଳୀ ଆଦରି ନିଅନ୍ତି ଯାତ୍ରୀବୃନ୍ଦ । ପ୍ରେମିକ ପ୍ରେମିକାଙ୍କ ଏକାନ୍ତ ମିଳନ ମଧ୍ୟ ଯୋଗାଡି ରଖିଛି ଏହି ଯାତ୍ରାସ୍ଥଳୀ । ରୂପାଲିର ଇଚ୍ଛା ସବୁଦିନ ସିଲୁ ସାଙ୍ଗରେ ଏକୀଭୂତ ହୋଇଯାନ୍ତା ଏହି ଯାତ୍ରାରେ । କିନ୍ତୁ ଅର୍ଥର ପ୍ରଚୁର ଆବଶ୍ୟକତାକୁ ନେଇ ସିଲୁ ମୁହଁ ମୋଡୁଥିଲେ ମଧ୍ୟ ପ୍ରେମରେ ମତୁଆଲାଭାବ ରୂପାଲି ଇଚ୍ଛା ସହିତ ତାଳ ଦେବାକୁ ବାଧ୍ୟ କରୁଥାଏ – ସିଲୁ ନାହିଁକରିବାର ବାଟ ନାହିଁ । ଅର୍ଥ ଯୋଗାଡ କରିବାକୁ ହେବ ଏବଂ ରୂପାଲିର ଇଚ୍ଛା ନେଇ ବାଟ ଚାଲିବାକୁ ହେବ ତାକୁ । ତ' ହିଁ ଛୁଟିଛି ଇଚ୍ଛାକ୍ରମେ । ପାଞ୍ଚଦିନ ଧରି ଅପେରା ଦେଖିବା ଓ ଯାତ୍ରାର ମଜା ମାରିବା ହୋଇଗଲା । ଗୁମ୍ମାର

ଚତୁଃପାର୍ଶ୍ୱ ଲଙ୍କା ଆମ୍ବ ଗଛର ଗହଳି । ଗଛ ଗୁଡ଼ିକର ପାଦଦେଶ ମନୋରମ ଆଶ୍ରୟସ୍ଥଳୀ । ଏହି ଯାତ୍ରା ପର୍ବ ସମୟରେ ଦିନବେଳା ମଧ୍ୟ ଚାଲେ ନିଭୃତ ମିଳନର ଅଭିସାର ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ । କୌଣସି ପ୍ରକାର ପ୍ରତିବାଦର ସୂଚନା ନ ଥାଏ । ଏଣୁ ନିର୍ଭୟ ଓ ନିଃସଙ୍କୋଚ ମିଳନକୁ ମହିମାନ୍ୱିତ କରି ରଖିଅଛି ଏହି ବନଭୂମି ଓ ତା'ର ଆଡମ୍ବରପୂର୍ଣ୍ଣ ଗାମ୍ଭୀର୍ଯ୍ୟ । ଏହି ଭୂମି ବିଭବରେ ଆକର୍ଷିତ ହୋଇ ରୂପାଲି ଆଜି ସନ୍ଧ୍ୟାରେ ଆସି ଆସର ମେଳେଇବାକୁ କହେ ସିଲୁକୁ । ସିଲୁ ସମ୍ପର୍କରେ ମଉସା ହେଲେ ମଧ୍ୟ ରୂପାଲିର ଖୋଲା ମନ କଥାକୁ ଭାଙ୍ଗିପାରେ ନାହିଁ । ପୂର୍ବଦିନ ଭଳି ଆଜି ସନ୍ଧ୍ୟାରେ ଦୁହେଁ ମିଶି ଆସର ଜମାଇଲେ ଏବଂ ପରେ ଅପେରା ଦେଖି ଘରକୁ ଫେରିବାର ପ୍ରୋଗ୍ରାମ୍ ହେଲା । ତଦନୁସାରେ ପାଞ୍ଚଦିନ ପ୍ରୋଗ୍ରାମ୍ ଗଡି ଚାଲିଲା । ମିଳନର ଆଶା ନେଇ କେହି କାହାରିକୁ ଛାଡିବା ଅବସ୍ଥାରେ ନଥିଲେ ।

ପ୍ରେମର କୋମଳ ପରଶ ଓ ଭାବନାର ରୂପାନ୍ତରିତ ଇଚ୍ଛା ଏକୀଭୂତ ହୋଇ ଉଭୟଙ୍କୁ ଟାଣିନେଇଛି ପାଖ ଦେବାଳୟ ତୀରକୁ ଯେଉଁଠାରେ ଛଡା ବେଲପତ୍ର ଧରି ପ୍ରେମରେ ଅନୁବନ୍ଧିତ ହୋଇ ନିୟମ କରିବସିଲେ ବିବାହ ବନ୍ଧନରେ ବାନ୍ଧି ହେବାପାଇଁ । ଶେଷ ହେଲା ତାଙ୍କ ଖୋଲା ହୃଦୟର କଥା ।

କିନ୍ତୁ କ'ଣ ହେବ ? ଏହାକୁ ସମାଜ ଗ୍ରହଣ କରିବ ତ ? ଏହି ପ୍ରଶ୍ନବାଚୀ ମଧ୍ୟରେ ରୂପାଲି ଫେରିଆସିଲା ଗାଁ'କୁ । କଥା ରହିଲା –ଅକୁହା ହୋଇ ।

ଦିନ ପରେ ଦିନ ଗଡିଚାଲିଲା । ଦୂରଭାଷ ବେଳେ ବେଳେ ସମ୍ପର୍କ ରଖୁଥାଏ ଦୁହିଁଙ୍କର – ସମସ୍ତଙ୍କ ଅଜାଣତରେ ।

ନିଜ ବୟସକୁ ମାପଚୁପ କରି ଚାଲୁଥାଏ ରୂପାଲି । ଅନୁବନ୍ଧିତ ବୟସକୁ ଚାପିଧାରି ଚାଲିବ ବା କେତେଦିନ । ଆତ୍ମୀୟ ସହଚରୀ ପଢ଼ିଶାର ହୋଇପାରେ । କିନ୍ତୁ ସେ ରୂପାଲିର ଏକାନ୍ତ ଗୋପନୀୟ ସାଥି – ଯାହାଠାରେ ହିଁ ରୂପାଲି ବାଢିବସିଲା ନିଜ ମନର କଥା, ଗୋପନ ପ୍ରେମର କଥା ।

ଦୁହିଁଙ୍କ ବିଶେଷ ଆଲୋଚନା ପରେ ଦୂରଭାଷ ଯୋଗେ ସିଲୁ ସହିତ କଥା ହୋଇ ଦିନ ତାରିଖ ସ୍ଥିର ହେଲା ଯେଉଁଦିନରେ କି ସେମାନେ ମେଳ ହେବେ ଆସି କଟକ କୋର୍ଟରେ । ତାହାହିଁ ହେଲା ।

ଏକ ଜରୁରୀ କାମ ଦେଖାଇ ପ୍ରିୟ ସାଥୀକୁ ନେଇ ବାହାରକୁ ଯିବାର ପ୍ରସ୍ତାବ ବାଢ଼ି ବସିଲେ ରୂପାଲି ନିଜ ବାପମା'ଙ୍କ ପାଖରେ । ସେମାନେ ରାଜି ହେବାରୁ ସାହି ସାଥୀକୁ ଧରି କାର୍ଯ୍ୟନିର୍ବାହ ନିମନ୍ତେ ବାହାରିପଡ଼ିଲା ରୂପାଲି ।

ଓକିଲ ପରାମର୍ଶ ସହ କୋର୍ଟରେ ଅନୁବନ୍ଧିତ ହେଲେ ସିଲୁ-ରୂପାଲି ସହିତ । ସାକ୍ଷୀ ରହିଲେ, ରୂପାଲିର ସାଙ୍ଗ ବିବାହିତ ବିଦ୍ୟୁଲତା । କୋର୍ଟର କାଗଜ ଧରି ନିଜ ନିଜ ଘରକୁ ଫେରିଲେ ସିଲୁ ଓ ରୂପାଲି । କିନ୍ତୁ ସବୁକଥା ଅଜଣା ରହିଲା ଘର ଲୋକଙ୍କଠାରେ । ସମୟ ଗଡ଼ିଚାଲିଲା । ବର୍ଷେ ପୂରିବାକୁ ହେଲା । ରୂପାଲି ଉପରଭଉଣୀମାନେ ବୟସ୍କ ହୋଇଥିଲେ ମଧ୍ୟ ଅବିବାହିତ । କିପରି ଜାଣିବେ ଘର ଲୋକ ।

ଦୈବକ୍ରମେ ବଡ଼ ଭଉଣୀ ଏକାକୀ ଘରର ଅସାବପତ୍ର ସଜାଡ଼ିବାବେଳେ ତା'ର ହସ୍ତଗତ ହେଲା ଗୋଟିଏ କୋର୍ଟ କାଗଜ,ଯାହାକି ସିଲୁ –ରୂପାଲିର ମିଳନ ରେଜେଷ୍ଟ୍ରି ପତ୍ର । ମା'ଙ୍କୁ ସବୁକିଛି ଅବଗତି କରାଗଲା । ସ୍ତବ୍ଧ ହୋଇଗଲେ ବାପା-ମା', ଭଉଣୀମାନେ । ରୂପାଲି ଯେ ଏପରି କାଣ୍ଡ ଭିଆଇବ ତାହା କେହି ଆଶା କରି ନଥିଲେ । ଘରେ ଅଶାନ୍ତିରେ ଝଡ଼ ବୋହିଲା । କିନ୍ତୁ ଏ ଅଶାନ୍ତିର ଦିଗ ଭିନ୍ନ ହେଲେ ମଧ୍ୟ ସହିଷ୍ଣୁ । ବାପା ମା' ନିରବି ଗଲେ । ସିଲୁ ଓ ରୂପାଲି ସାମାଜିକ ବିବାହ ବନ୍ଧନରେ ବାନ୍ଧି ଘରକୁ ଆସିବେ ବୋଲି ସେମାନେ ହିଁ ସ୍ଥିର କଲେ । ତାହାହିଁ ହେଲା ।

ପ୍ରଥମେ ସିଲୁ ଓ ରୂପାଲିର ବିବାହ ବୈଦିକମତେ ହେଲାପରେ ଚିନ୍ତା ପଶିଲା ରୂପାଲି ମୁଣ୍ଡରେ ଯେ କିପରି ବାହା ହେବ ତା'ର ବଡ଼ଭଉଣୀ ଆଶାଲତା । ପରେ ସ୍ଥିର ହେଲା ଯେ, ଆଶାଲତା ସଙ୍ଗେ ସଙ୍ଗେ ବିବାହ ହେବ ଗୌରାଙ୍ଗଚରଣର । ଗୌରାଙ୍ଗଚରଣ ବଡ଼ ଭାଇ ହେଲେ ସିଲୁ ହେଲା ସାନ ଭାଇ । ଯୋଗଯୋଗ ଶେଷ ହେଲା ବାହା । ବାହା ତିଥି ଖୋଜି ସ୍ଥିର ହେଲା । ସବୁ ଠିକ୍ ହେଲାପରେ ଗୌରାଙ୍ଗ ତା'ର ଅନ୍ତର ଖୋଲି ଅଡ଼ିବସିଲା ଯେ ତା'ର ଇଚ୍ଛା ମୁତବକ ଦାନ ରାଶି ନ ଥିଲେ । ଧନ ଆସିବ କୋଉଠୁ ଓ ଆଶାର ବାହାଘର ହେବ ନିଶ୍ଚୟ ।

ଆଲୋଚନାକ୍ରମେ ସ୍ଥିର ହେଲା ଯେ-ବଡ଼ ବାପା ଆଶାର ବାହାଘର ଖର୍ଚ୍ଚ ବହନ କରିବେ ଏବଂ ନିର୍ଦ୍ଦିଷ୍ଟ ତାରିଖ ଓ ତିଥିରେ ବାହାଘର ସଂପୂର୍ଣ୍ଣ ହେବ । କିନ୍ତୁ ବଡ଼ବାପା ଯେ ପାଖରେ ଥିବା ଲୋକ ନୁହନ୍ତି । ତାଙ୍କ ସହିତ ଯୋଗସୂତ୍ର ରହିବା ଏକାନ୍ତ ଆବଶ୍ୟକ ।

ବାପା କରୁଣାକର ନିରବ ରହୁଥିବାରୁ ମା' ମନ୍ଦାକିନୀ ଓ ଆସାଲତା ଯାଇ ବଡ଼ବାପାଙ୍କ ସଙ୍ଗେ ବିଦେଶରେ କେଏଟିଏଟଏ ହୋଇ କିଛି ଅର୍ଥ ସଂଗ୍ରହ କରିପାରିଲେ ଧାର୍ଯ୍ୟ ତାରିଖରେ

ବିବାହ କାର୍ଯ୍ୟ ସମ୍ପନ୍ନ ହୋଇପାରିବ । ତାହାହିଁ କଲେ । କେଆଇଏନଟିଇଢ ମନୁଷ୍ୟର ଚିନ୍ତା, କଳ୍ପନା ତା ଭାବନା ମୁତାବକ କାର୍ଯ୍ୟକାରୀ ହୋଇପାରେନା ସବୁବେଳେ ।

ତେଣେ ଗୌରାଙ୍ଗଚରଣ ତାଙ୍କ ନିଷ୍ପତ୍ତିରେ ଅଟଳ । ଯୌତୁକରାଶି ଗୌରାଙ୍ଗ ଅଧିକ ଚାହୁଁଥିବାରୁ ସେତିକି ସଂପୂର୍ଣ୍ଣ ବଡବାପାଙ୍କଠାରୁ ପାଇବା ସମ୍ଭବପର ହେଉ ନ ଥାଏ । ଶକ୍ତି ମୁତବକ ବଡବାପାଙ୍କର ସାହାର୍ଯ୍ୟ ଧାର୍ଯ୍ୟ । ଅଧିକ କିଛି କହିବାକୁ ମା' ଓ ଝିଅଙ୍କର ମୁହଁ ନାହିଁ ।

ବାହାଘର ପର୍ବ ଯଥାରୀତିରେ ଛିଏଟିଆଇ କରୁଥାଏ । କିନ୍ତୁ ହେଲେ କ'ଣ ହେବ । ଗୌରାଙ୍ଗଙ୍କୁ ବୁଝାଇବ କିଏ – ବାହାଘର ହେବ କିପରି ?

ପରେ ବହୁ ପ୍ରଚେଷ୍ଟାରେ ଗୌରାଙ୍ଗଚରଣଙ୍କ ସହିତ ଆଶାଲତାର ବିବାହ ସମ୍ପନ୍ନ ହୋଇପାରିଲା ଏବଂ ସମସ୍ତେ ଏଥିରେ ଆଶ୍ୱସ୍ତ ହେଲେ ।

ସମୟ ଗଡିଚାଲିଲା । ଗୌରାଙ୍ଗଙ୍କ ଔରସରୁ ଆଶାଲତା ଗୋଟିଏ ପୁତ୍ର ଓ ପରେ ଗୋଟିଏ କନ୍ୟାସନ୍ତାନଙ୍କଜନନୀ ହୋଇପାରିଲେ ।

ସିଲୁ –ରୂପାଲିକୁ ପ୍ରଥମେ ବିବାହ କରିଥିବାରୁ ସ୍ୱଭବତ ତାଙ୍କର ସନ୍ତାନ ଦୁଇଟି ବଡ ହୋଇଯାଇଥାନ୍ତେ । ସିଲୁ ଶ୍ୱଶୁରାଳୟ ଆସି ରୋଗାକ୍ରାନ୍ତ ଶାଶୁଙ୍କୁ ଯତ୍ନ ନେବା ସଙ୍ଗେ ସଙ୍ଗେ ଅବିବାହିତ ଝିଅମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ନିଘା ରଖି ଚାଲିଥାଏ ।

ଦୁର୍ଭାଗ୍ୟକ୍ରମେ ଶାଶୂ-ଶ୍ୱଶୁର ପୁତ୍ର ସନ୍ତାନ ଗୌରବର ଅଧିକାରୀ ହୋଇପାରି ନାହାନ୍ତି । କୁଟୁମ୍ବର କନ୍ୟା ସନ୍ତାନମାନଙ୍କ ମଧ୍ୟରୁ ଶେଷ ଦୁଇଟି ବୃଦ୍ଧା ପିତାମାତାଙ୍କର ସକଳ ଭରସାର ଆଧାର । ରୋଗାକ୍ରାନ୍ତ ହେଲେ -ଏହି ଦୁଇ ଝିଅ ହିଁ ଆଶୁ ସେବା ଯୋଗାଇଥାନ୍ତି । ସାହାସ ଦିଅନ୍ତି ଚିକିତ୍ସା କରନ୍ତି ଗରିବ ଛୋଟ ସଂସାରରେ ସେମାନେ ହିଁ ସମ୍ବଳ , ସବୁ ଆଶାର ଭରସା ।

ସିଲୁ ଆସି ସାନ ଝିଅ ମୌସୁମୀକୁ ନେଇଗଲା ତାଙ୍କ ଘରକୁ କୌଣସି ପୂଜାର କାରଣ ଦର୍ଶାଇ । କିନ୍ତୁ ମୌସୁମୀ ପହଞ୍ଚିଲାନି ଆଜିର ଏହି ଶିଳ୍ପୁଆ ଶୁଳ୍କ ରାଜନୀରେ । ଦୁହେଁ ମିଶି ଯୋଜନାବଦ୍ଧ କୌଶଳରେ ଏକ ବିଳାସପୂର୍ଣ୍ଣ ଲଜିଂରେ ରାତ୍ରିଯାପନ କାଲେ । ମୌସୁମୀର ରୂପଲାବଣ୍ୟ ଯେ ସିଲୁକୁ ପାଗଳକରିଛି ଏବଂ ମୌସୁମୀ ଖୋଜୁଥିବା ଶାରୀରିକ ସରଣର କୋମଳ ଶିହରଣ ସିଲୁଠାରେ ପୁଞ୍ଜିଭୂତ ହୋଇଥିବା ଦେଖି ସେ ଲୋଟଣି ପାରା ସାଜି ପଡିରହିଛି ସାରାରାତ୍ରି ସେହି ଲଜିଂ କୋଠରିରେ ।

ସିଲୁ ମଦ୍ୟପାନ କରି ଲୋଟିବାରେ ଲାଗିଛି, ମୌସୁମୀର ସବୁକିଛି ଅପୋଦମସ୍ତକ । ସିଲୁ ବିବସ୍ତ୍ର କରିଛି ମୌସୁମୀକୁ । ଘନ ଘନ ଆକ୍ରମଣରେ କଷ୍ଟ ହେଉଥିଲା ମଧ୍ୟ ମୌସୁମୀ ପାଉଛି ସିଲୁଠାରୁ ଖୋଲା ଯୌବନ ସ୍ପର୍ଶ- ଶିହରଣ କରୁଥାଏ ମର୍ମସ୍ପର୍ଶୀ ଉତ୍ତେଜନାର ଉପଶମ । ଯନ୍ତ୍ରଣାକୁ ଖାତିର ନ ଥାଏ । ଦୁହେଁ ନୟାନ୍ତ –ଏକୀଭୂତ । ରାତ୍ରିସାରା ନାହିଁନିଦ୍ରା, ବିଶ୍ରାମ – କେବଳ ଅବିଶ୍ରାନ୍ତ ମିଳନର ଧ୍ୱନି । ଶରୀରରେ ଶିହରଣ । କ୍ରମେ ନଇଁ ଆସିଲା ଘନ ଅନ୍ଧାରର ମହନୀୟ ପର୍ବ ସକାଳର କୋମଳ ମଳୟ ପବନରେ ଦୁହେଁ ନିଶ୍ଚେତ । ବିଳମ୍ବରେ ନିଦ୍ରା ଭାଙ୍ଗିଲା ପରେ ଫେରିଲେ ଗୃହକୁ । ନିଭୃତ ମିଳନର ପର୍ବ ସରିଲା ।

ସିଲୁ ମୌସୁମୀକୁ ଘରେ ଛାଡି ଗାଁ'କୁ ଫେରିଗଲେ । ମୌସୁମୀର ରୂପ ଦେଖି ବିସ୍ମିତ ହେଲେ ମା' । କାହିଁକି ଚାଲିପାରୁନାହିଁ ମୌସୁମୀ ? ପଚାରି ବୁଝିଲେ ମା' । ସତ୍ୟ ପ୍ରକାଶ କରିବାକୁ କୁଣ୍ଠାବୋଧ କଲା ମୌସୁମୀ । ଶେଷରେ ସବୁକଥା ମାନିବାକୁ ବାଧ୍ୟ ହେଲା ମୌସୁମୀ । ସେତେବେଳକୁ ପାଖରେ ନ ଥା'ନ୍ତି ସିଲୁ । କ'ଣ ହେଲା ? ବାପା ବି ଜାଣି ବିସ୍ମୟ ।

କା' ଆଗରେ ଗୁହାରି କରିବେ । ଯାହା ହୋଇଗଲା ସେସବୁ କିଛି ଫେରିଆସିବ କି ? ଝିଅକୁ ଚିକିତ୍ସା କରାଇ ଆରୋଗ୍ୟ କରିବା ଜରୁରୀ । ରୋଗିଣା ସ୍ତ୍ରୀ କଥା ପଚାରୁଚି କିଏ ?

ନିଜ କ୍ଲାଇଁମାନଙ୍କୁ ଡକାଇ ଝିଅଙ୍କ ଆଗରେ କଥା ପଡିଲା । ସିଲୁ ଆସିଲେନି । କିନ୍ତୁ ମୌସୁମୀର ଜିଦ୍ ସିଲୁକୁ ବାହା ହେବ । ସିଲୁ ଯେ ମଝିଆ ଝିଅର ବର – ଦୁଇଟି ଛୁଆଙ୍କର ବାପା । ଏଥିରେ ପ୍ରତିବାଦ କଲା ରୂପାଲୀ । ଏହା କିପରି ହେବ ?ଯେ ସମ୍ପର୍କରେ ଶଳୀ –ସେ କିପରି ହେବ ସଉତୁଣୀ ।

ବାପାମା'ଙ୍କ ଆଗରେ ମୌସୁମୀ ଓ ରୂପାଲିର ଯୁକ୍ତି –ସିଲୁ କିନ୍ତୁ ମୌସୁମୀ ଯୁକ୍ତିରେ ଏକମତ – ରୂପାଲୀ କଥାକୁ ଶୁଣିବାକୁ ନାରାଜ । ଦୁଇ ଝିଅଙ୍କ ଜିଦ୍ ଓ ମନଖୋଲା କଥାକୁ ବୁଝିବେ । ବାପା ମା' ତାଙ୍କରି ନିଷ୍ପତି ଅପେକ୍ଷା କରି ରହିଲେ – ଦୁଇଝିଅ । କ'ଣ ହେବ ଏହା ପରେ । ମୌସୁମୀ ବାହା ହେବ ସିଲୁକୁ ?

# ଘର ଘରର କଥା

-ଶ୍ରୀ ସନ୍ନ୍ୟାସୀ

କାହା ଘର କଥା କହିବି ?

ତୁମ ଘରର କଥା ନା ମୋ ଘରର ??

ନା, ଯେଉଁ ହେଉଛି ଘର ଘରର କଥା ।

ବାପ ଯଦି ପେନ୍‌ସନ୍ ପାଉଛି, ନାଁରେ ଟିକିଏ ସମ୍ପତ୍ତି ଅଛି ତେବେ ଠିକ୍ ଅଛି । ପୁଅ ବୋହୂଙ୍କ ଆଦର ଯତ୍ନ କାହିଁରେ କ'ଣ । ଯଦି ବାପ ତ ଅଜା ଅଜ ନିଜର ସମ୍ପତ୍ତି ପୁଅମାନଙ୍କ ମଧ୍ୟରେ ବାଣ୍ଟି ଦେଲା ତେବେ ବାପର ଅବସ୍ଥା ତ ଜଣା ଦି ଜଡ଼ା ହେବା ହିଁ ସାର । ସମ୍ପତ୍ତି ହାତେଇ ସାରିବା ପରେ ପୁଅ-ବୋହୂ ମାନଙ୍କ ପୂର୍ବର ସେ ଭଲ ପାଇବା ଆଉ ନ ଥାଏ । କ୍ୟାଲେଣ୍ଡରର ତାରିଖ ଅନୁସାରେ ବାପ ମାଆ ବାଣ୍ଟି ହୋଇ ଯାଆନ୍ତି ତିନି ପୁଅଙ୍କ ମଧ୍ୟରେ । ପ୍ରଥମ ପୁଅର ପାଳି ଶେଷ ହେବା ଦିନ ଯଦି ଦ୍ୱିତୀୟ ପୁଅ ଆସି ନ ନେଉଛି ତେବେ ବାପ-ମା'ଙ୍କ ଖାଇବା ବି ବନ୍ଦ ହୋଇଯାଉଛି ।

ତେଣୁ ବାପ-ମା ମାନେ ସମ୍ପତ୍ତି ବଣ୍ଟନ ପୂର୍ବରୁ ସବୁ ଅଡ଼ୁଆକୁ ଟିକେ ଚିନ୍ତା କରିବାର ଅଛି ।

ସେଦିନ ଷ୍ଟେସନ୍‌ରେ ଟ୍ରେନ୍‌କୁ ଅପେକ୍ଷା କରିଥାଏ । ୩୦ ମିନିଟ୍ ଆହୁରି ବିଳମ୍ବ ଥାଏ । ଏଣେ ତେଣେ ବୁଲୁ ବୁଲୁ ହଠାତ୍ ଆଖି ପଡ଼ିଲା କ୍ରନ୍ଦନରତା ଜଣେ ବୃଦ୍ଧାଙ୍କ ଉପରେ । ମୁହଁରେ ଲୁଗା ଦେଇ ସକେଇ ସକେଇ କାନ୍ଦୁଥାନ୍ତି ସେ । ପାଖକୁ ଯାଇ "ମା, କ'ଣ ହୋଇଛି ? କାନ୍ଦୁଛ କାହିଁକି ?" ପଚାରିବାରୁ କିଛି ଉତ୍ତର ମିଳିଲା ନାହିଁ । ପାଣି ବୋତଲଟିଏ ଧରି ଜଣେ ବୃଦ୍ଧ ଆସି ସେଠାରେ ପହଞ୍ଚିଲେ । ତାଙ୍କ ସ୍ୱାମୀ । ପାଣି ଆଣିବାକୁ ବୋଧେ ଯାଇଥିଲେ । ମାଉସୀଙ୍କ କ୍ରନ୍ଦନର କାରଣ ପଚାରିବାରୁ ସେ ହିଁ ସବୁ କଥା କହିଲେ ।

ଘର ଯାଜପୁର ଜିଲ୍ଲାରେ । ଗାଁ ନାଁ କହିଲେନି । ବଡ଼ ପୁଅ ଚାର୍ଟାର୍ଡ଼ ଏକାଉଣ୍ଟାଣ୍ଟ । ମଝିଆ ଛୋଟମୋଟ ଠିକାଦାରୀ କରେ । ସାନ ପୁଅ ଟିଉସନ୍ ପଢ଼ା କରେ । ସମସ୍ତେ ବିବାହିତ । ୪ ଏକର ସମ୍ପତ୍ତି । ଗୋଟିଏ ବଡ଼ ଆମ୍ବତୋଟା । ସମ୍ପତ୍ତି ଭାଗ ଭାଗ କରି ନେଇଯିବା ପାଇଁ ନିଜ ନିଜ ଭିତରେ ପାଟି ତୁଣ୍ଡ କଲେ । ମୁଁ କିନ୍ତୁ ମନା କରୁଥିଲି । ଲୋକେ (ବୁଢ଼ୀ ଆଡ଼କୁ ହାତ ଦେଖେଇ) କିନ୍ତୁ ସବୁବେଳେ କହିଲା- ଆମେ ମଲା ପରେ ତ ସମ୍ପତ୍ତି ତମର । ଏବେ କାହିଁକି ବାଣ୍ଟୁଛନ ? ଆମେ ବଞ୍ଚି ଥାଉ ଥାଉ ଭାଗବାଣ୍ଟିକ ପାଟିତୁଣ୍ଡ କରୁଛନ୍ତି । ତୁମକୁ କ'ଣ ଭଲ ଲାଗୁଛି ?

ବୁଢ଼ୀ କଥାରେ ପଡ଼ି ତିନି ପୁଅଙ୍କ ଭିତରେ ସମ୍ପତ୍ତି ବାଣ୍ଟି ଦେଲି । ସମ୍ପତ୍ତି ହସ୍ତଗତ କରିସାରିବା ପରେ ଯିଏ ଯେଝା ବାଟରେ ବିକି ଭାଙ୍ଗି ଖାଇ ଚାଲିଛନ୍ତି । ଆମକୁ କେହି ପଚାରୁ ନାହାନ୍ତି । ଏବେ ଶେଷ ଆଶ୍ରା ମୋର ଜଣେ ଧରମ ଝିଅ । ସେଠାକୁ ଯାଉଛୁ । ପୁଅମାନେ ଘରୁ ବାହାର କରିଦେଲେ । ଆଉ ସେଠାରୁ ଯଦି ନିରାଶ ହେଉ ତେବେ ବଡ଼ଦାଣ୍ଡରେ ଗଡ଼ି ଭିକ ହିଁ ମାଗିବୁ ।

ଏତକ କହି ବୁଢ଼ା ତାଙ୍କ ଗାମୁଛାରେ ମୁହଁ ପୋଛିଲେ । ଟ୍ରେନ୍ ଆସି ଯିବାରୁ ଅଗତ୍ୟା ମୁଁ ସେ ସ୍ଥାନ ଛାଡ଼ିଲି ।

ଏହା ନିକଟରେ ଏକ ଦୈନିକ ଖବର କାଗଜରେ ଫଟୋ ସହ ଖବର ପ୍ରକାଶ ପାଇଥିଲା । ସମ୍ବଲପୁର ନିର୍ଦ୍ଦିଷ୍ଟକୋଇଲି ଅଞ୍ଚଳର ଜଣେ ବୃଦ୍ଧ ମାମଲତ୍‌କାର ବ୍ୟକ୍ତିଙ୍କୁ ସେମାନଙ୍କ ପୁଅମାନେ ପଚାରୁ ନାହାନ୍ତି ବୋଲି ସେ ଜିଲ୍ଲାପାଳଙ୍କ ନିକଟକୁ ଗୁହାରି କରିବାକୁ ଆସିଥିଲେ । ସେ ଅଞ୍ଚଳରେ ନ୍ୟାୟନିଶାପ ହେଲେ ଯେ ବୃଦ୍ଧ ବ୍ୟକ୍ତିଙ୍କୁ ପଚିଲେ ଭରଯାଏ । ହେଲେ ସେ ନିଜେ ଆଜି ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଶରଣରେ । ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ନିଜ ପୁଅମାନଙ୍କ ମଧ୍ୟରେ ବାଣ୍ଟି ଦେଲା ପରେ ପୁଅବୋହୂମାନେ ବେପରୁଆ । ବୁଢ଼ା ବାପ ଖାଇଲେ କେତେ, ନଖାଇଲେ କେତେ ? ମଲେ କେତେ, ନ ମଲେ କେତେ ?

ଏହା ହିଁ ହେଉଛି ଏ ଯୁଗର ଗୋଟିଏ ଲୋଖା-ଏଁ ସେଟ୍ । ହେ ବୃଦ୍ଧ ପିତାମାତାମାନେ ! ଆପଣ ଚାଲିଗଲା ପରେ ନାଁରେ ଥିବା ସବୁ ସମ୍ପତ୍ତି ଆପେ ଆପେ ପୁଅମାନଙ୍କ ପାଖକୁ ଚାଲିଯିବ । ତେଣୁ ଏବେ ଠାରୁ ସେମାନଙ୍କ ନାଁରେ ସମ୍ପତ୍ତି କରି ଦେବାକୁ ଏତେ ତରତର କିଆଁ ? ପରିସ୍ଥିତିକୁ ଦେଖି ବାଟ ଯାହା କରନ୍ତୁ । ମନେରଖନ୍ତୁ ଏବେକାର ସଂସାରରେ ଭଲପାଇବାର କେନ୍ଦ୍ରବିନ୍ଦୁ ହେଉଛି ଅର୍ଥ ବା ସମ୍ପତ୍ତି । ଯାବା ପର୍ଯ୍ୟନ୍ତ ପୁଅମାନେ କହୁଥିବେ- ବାପା ମୋର । ସେମାନଙ୍କ ହାତକୁ ଚାଲିଗଲା ପରେ କହିବେ - ବାପା ମର ।

ଅବଶ୍ୟ ସବୁ ପୁଅମାନେ ଏମିତି ନୁହଁନ୍ତି । ଅନେକ ପିତୃମାତୃ ଭକ୍ତ ପୁଅ ଅଛନ୍ତି ସଂସାରରେ । ସୂତା ଖିଅରେ ସମ୍ପର୍କ । ଯେଉଁ ଖିଅ ଛିଣ୍ଡିଗଲେ ସମ୍ପର୍କ ଶେଷ । ମଲା ପୂର୍ବରୁ ଏ ଖିଅଟିକୁ ହାତରେ ଅନ୍ତତଃ ରଖିଥାନ୍ତୁ ମା ବାପାମାନେ । ନଚେତ୍ ଜୀବନର ଶେଷ ଅବସ୍ଥାରେ ଘରଦୁଆର ଶୂନିପିଣ୍ଡା ହୋଇ କୋଉ ଗଛ ତଳେ, ଫୁଟ୍‌ପାଥ୍‌ରେ, ଦୋକାନ ବାରଣ୍ଡାରେ ଅଥବା ଗାଁ କ୍ଲବ୍ ଘରେ ଜୀବନଟି ପକେଇଯିବ ।

# ଅର୍ଥ ଅନର୍ଥ

- କ୍ଷେତ୍ର ମୋହନ ମହାରଣା

ବାବାଜୀ ଧାଉଁଛନ୍ତି । ଧାଇଁ ଧାଇଁ ହାଲିଆରେ ଝେଳୋଣା ହେଲାଣି ପରେ । ବେଶ ବାସ ଅସ୍ତବ୍ୟସ୍ତ । ମୁଖମଣ୍ଡଳରେ ଭୟର ସ୍ପଷ୍ଟ ସଙ୍କେତ । ଦେହସାରା ଝାଳରେ ଓଦା । କେଉଁ ଆଡ଼କୁ ନ ଚାହିଁ ସେ ଧାଉଁଛନ୍ତି ଆଗକୁ । ଖାଲି ଢିପ, ବାଟଅବାଟ ସବୁ ତାଙ୍କୁ ସମାନ ଜଣା ପଡୁଛି । ବିକଳରେ ଚିତ୍କାର କରୁଛନ୍ତି- ଖାଇଗଲା... ଖାଇଗଲା... ଡାହାଣୀ... ଡାହାଣୀ ।

ରାଜପୁତ ଦୁଇ ଭାଇ ଓଟ ପିଠିରେ ବସି ବିଦେଶ କରିବାକୁ ଯାଉଥିଲେ । କାନ୍ଧରେ ତାଙ୍କର ବନ୍ଧୁକ । ଅ ରେ ଝୁଲୁଛି ଖଣ୍ଡା । ଗପସପ ହୋଇ ଦୁହେଁ ଚାଲିଥିଲେ ଆଗକୁ । ବାବାଜୀ ଠିଆ ହୋଇଗଲେ ଦୁଇ ଭାଇଙ୍କ ଆଗରେ- ଭାଇମାନେ ! ଆଗରେ ଡାହାଣୀ । ଯାଅନି । ଫେରିଯାଅ ଘରକୁ । ନ ହେଲେ ସେ ଯେଉଁ ଡାହାଣୀ ନା, ଚୀଅଁବା ଖାଇ ଯିବ ତୁମକୁ । ରାଜପୁତ ଦୁଇଭାଇ ତଟସ୍ଥ । ବାବାଜୀ କ'ଣ ପାଗଳ ! ନା ଅତ୍ୟଧିକ ନିଶା ଦ୍ରବ୍ୟ ସେବନରେ ଉନ୍ମାଦ ହୋଇଛନ୍ତି ? ଦିନ ଦ୍ୱିପ୍ରହରେ ଡାହାଣୀ କେଉଁଠୁ ଆସିଲା ? ବାବାଜୀ ନିଶ୍ଚୟ । ସେଇଥିପାଇଁ କାହାକୁ କେଉଁଠି ଦେଖି ଭୟରେ ତରିମରି ଧାଉଁଛନ୍ତି । ହେଲେ ଆମ ପାଖରେ ଖଣ୍ଡା ଓ ବନ୍ଧୁକ ଅଛି । ଡାହାଣୀ ଆମର କ'ଣ କରିବ ? ଦୁଇଭାଇ ବାବାଜୀଙ୍କୁ ଆଡ଼େଇ ହୋଇ ଆଗକୁ ଚାଲିଲେ । ବାବାଜୀ ସେମିତି ଡାହାଣୀ... ଡାହାଣୀ... ଖାଇଗଲା... ଖାଇଗଲା ପାଟି କରି ଆଗକୁ ଧାଉଁଛନ୍ତି । କିଛି ବାଟ ଯିବା ପରେ ଦୁଇଭାଇ ଦେଖିଲେ ଗୋଟିଏ ଜନା ଥଳିରେ କ'ଣ ବନ୍ଧା ହୋଇ ବାଟ ମଝିରେ ପଡ଼ିଛି । ବଡ଼ଭାଇ ଓଟରୁ ଡେଇଁ ପଡ଼ି ଥଳିଟିକୁ ଗୋଟାଇ ନେଲା । ଦୁଇଭାଇ ମିଶି ଥଳି ଖୋଲିଲେ । ଦଶହଜାର ସ୍ୱର୍ଣ୍ଣମୁଦ୍ରା । ସାରାଜୀବନ ରୋଜଗାର କଲେବି ସେମାନେ ଏତେ ଟଙ୍କା ରୋଜଗାର କରି ପାରିବେ ନାହିଁ । ସାନଭାଇ କହିଲା- ବୁଝିଲ ଭାଇ । ଏ ବାବାଜୀ ଭାରି ଚାଲାଖ୍ । ସୁନାଥଳି ଦେଖି ତାର ନିଜ ଲୋକକୁ ଡାକିବାକୁ ଯାଉଛି । ଦୁହେଁ ଆସିଲେ ଟଙ୍କାଥଳି ନେବେ । ଆମକୁ ଯେତେବେଳେ ଦେଖିଲା ଭାବିଲା- ଏ ଦୁହେଁ ଏ ବାଟେ ଗଲେ ନିଶ୍ଚୟ ସୁନା ନେଇ ଯିବେ । ସେଥିପାଇଁ ଆମକୁ ଡାହାଣୀ କଥା କହି ଡରାଉଥିଲା । ଆମ ଭାଗ୍ୟ ଭଲ ତା କଥା ମାନି ଏଠାକୁ ଆସିଲେ । ଏ ସୁନା ପାଇଲେ । ତା' କଥା ମାନି ଥିଲେ ସୁନା ଆମେ ପାଇ ନଥାନ୍ତେ ।

ବଡ଼ଭାଇ କହିଲା- ପ୍ରକୃତ କଥା । ଆମର ଯୋଗ ଭଲ । ଭଲ ବେଳାରେ ଘରୁ ବାହାରିଥିଲେ । ଏଇ ଧନକୁ ଲଗାଇ ବ୍ୟବସାୟ କଲେ ଆମେ ସୁଖରେ ରହିବା । ଏବେ ମୁଁ ଏଠି ଏ ଥଳିକୁ ଜଗି ବସିଛି । ତୁ ଘର ଯାଇ କିଛି ଜଳଖିଆ ଆଣିଲେ ଦୁହେଁ ଖାଇ ଟିକିଏ ସୁସ୍ଥ ହେବା । ତାପରେ ଏ ସୁନା ନେଇ ଘରକୁ ଯିବା ।

ସାନଭାଇ ଘରକୁ ଜଳଖିଆ ପାଇଁ ଗଲା ।

ବଡ଼ଭାଇ ସୁନା ଥଳିକୁ ଜଗି ବସିଲା ।

ଅର୍ଥର ଏକ ସ୍ୱତନ୍ତ୍ର ଆକର୍ଷଣ ଶକ୍ତି ଅଛି । ମଣିଷ ଜାଣତରେ ହେଉ ବା ଅଜାଣତରେ ହେଉ ଅର୍ଥର ସଂସ୍ପର୍ଶରେ ଆସିଲେ ତାର ମନରେ ପରିବ ନ ଦେଖାଯାଏ । ସାନଭାଇ ଘରକୁ ଯିବା ପରେ ବଡ଼ଭାଇ ଭାବିଲା- ଏ ଥଳିରେ ଦଶହଜାର ସ୍ୱର୍ଣ୍ଣ ମୁଦ୍ରା ଅଛି । ଏ ଧନକୁ ଦୁଇ ଭାଗରେ ଭାଗ କଲେ ଭାଗକେ ପା ହଜାର ପଡ଼ିବ । ଯଦି କୌଣସି ଉପାୟରେ ସାନଭାଇକୁ ମାରିଦିଏ ତେବେ ପୁରା ଦଶହଜାର ସ୍ୱର୍ଣ୍ଣ ମୁଦ୍ରା ମୋର ।

ପାପର ବାପ ଲୋଭ । ଲୋଭ ବୁଦ୍ଧି ନାଶ କରେ । ସଙ୍ଗେ ସଙ୍ଗେ ଯୋଜନା ତିଆରି ହେଲା । ବନ୍ଧୁକରେ ଗୁଳି ପୂର୍ଣ୍ଣ ଅଛି । ମାତ୍ର ଗୋଟିଏ ଗୁଳି ସବୁ କଥାର ସମାଧାନ କରି ପାରିବ । କେହି ଦେଖିବେନି । କେହି ଜାଣି ପାରିବେନି । ଏଇଠି ଗାତ ଖୋଳି ପୋତି ଦେବି । ଘରେ କହିବି, ଭାଇ ହଇଜାରେ ମରିଗଲା । ମୁଁ ତାକୁ ପୋତି ଦେଇ ଆସିଛି । ବଡ଼ଭାଇ ବନ୍ଧୁକ ସଜ କରି ସାନଭାଇର ଫେରିବା ବାଟକୁ ଚାହିଁ ବସିଲା ।

ସାନଭାଇ ଜଳଖିଆ ପାଇଁ ଘରେ ପହ ଲା । ବାଟ ଯାଇ ସେଇ ଏକା ଚିନ୍ତା- କୌଣସି ଉପାୟରେ ବଡ଼ଭାଇକୁ ବାଟରୁ ହଟାଇଦେଲେ ପୁରା ଦଶହଜାର ମୋର । ଭାବନା

ଅନୁସାରେ କାର୍ଯ୍ୟ । ଖଣ୍ଟିଆ ବିଷ କିଣା ହୋଇ ଜଳଖିଆରେ ମିଶା ହେଲା । ବିଷ ମିଶା ଜଳଖିଆ ଧରି ଗୀତ ଦର୍ପରେ ସାନଭାଇ ଚାଲିଲା ପୁରା ଦଶହଜାର ପାଇଁ ।

ଅଗ୍ନି ଓ ବିସ୍ଫୋରକ ପ୍ରସ୍ତୁତ ।
କେବଳ ଜଳିବା ବାକି ।

ସାନଭାଇକୁ ଦେଖି ଦେଖି ବଡ଼ଭାଇର ବନ୍ଧୁକ ଗର୍ଜି ଉଠିଲା । ଅବ୍ୟର୍ଥ ଲକ୍ଷ୍ୟ । ଗୋଟାଏ ଗୁଳିରେ ସବୁ ଶେଷ । ଲୋଭ ମୋହମାୟାର ପାପିଷ୍ଠ ସଂସାର ଅନ୍ଧକାରରେ ନିଶ୍ଚିହ୍ନ । ଅତ୍ୟନ୍ତ ଆନନ୍ଦରେ ବଡ଼ଭାଇ ବନ୍ଧୁକ ଫୋପାଡ଼ି ଦେଇ ସ୍ୱର୍ଣ୍ଣ ମୋହର ଥଳିପଟେ ଗୋଟାଏ ନାଚିଗଲା ।

ଅଂଶୀଦାର ନିହତ । ପ୍ରତିଦ୍ୱନ୍ଦ୍ୱୀ କେହି ନାହିଁ । ଦଶହଜାର ସ୍ୱର୍ଣ୍ଣ ମୁଦ୍ରାର ଆହ୍ଲାଦଜନକ ଭବିଷ୍ୟତ ଆଖି ମିଟିକା ମାରୁଛି । କିଛି ସମୟ ବିଶ୍ରାମ ନେଇ ଘରକୁ ଫେରିଲେ କ୍ଷତି କ'ଣ ? ବଡ଼ଭାଇ ବସିଗଲା ସାନଭାଇ ଆଣିଥିବା ଜଳଖିଆ ଖାଇବା ପାଇଁ । ମାତ୍ର ଏ କ'ଣ ? ଜଳଖିଆ ଗୁଣ୍ଡାଏ ଖାଇଲା ପରେ ମୁଣ୍ଡଟା ଘୂରାଉଛି କାହିଁକି ? ଚାରିଆଡ଼ୁ ଅନ୍ଧାର ଦେଖାଯାଉଛି କାହିଁକି ? ଭାବିବାକୁ ସମୟ କାହିଁ ? ଖଣ୍ଟିଆ ବିଷ ତାର କାମ ଦେଖାଇଲା । ମାତ୍ର କେତୋଟି ମିନିଟ ପରେ ସବୁ ଶେଷ । ମାଟିରେ ଦଶହଜାର ସ୍ୱର୍ଣ୍ଣମୁଦ୍ରାର ଥଳି । ତାର ଦୁଇ ପଟେ ଦୁଇଟି ମୃତ ଶରୀର । ଉଭୟେ ପୁରା ଦଶହଜାର ନେବା ପାଇଁ ଚାହିଁଥିଲେ । କେହି କିଛି ନ ନେଇ ଚାଲିଗଲେ । ଏ ପର୍ଯ୍ୟନ୍ତ ଯେତେଜଣ ଏ ସଂସାରରୁ ଯାଇଛନ୍ତି କେହି କିଛି ନେଇ ନାହାନ୍ତି । ନେଇ ଥିବାର ଉଦାହରଣ ନାହିଁ ।

ବାବାଜୀ ଠିକ୍ ଚିହ୍ନିଥିଲେ ଡାହାଣୀକୁ । ଡାହାଣୀ ମଣିଷକୁ ନଷ୍ଟ କରି ଛାଡ଼ିବନି । ସେଥିପାଇଁ ସେ ଚେତାବନୀ ଦେଇଥିଲେ । ମାତ୍ର ଗର୍ବୋନ୍ମତ୍ତ ମଣିଷ ପାଇଁ ସେ ଚେତାବନୀ ଉପହାସର ବସ୍ତୁ ହେଲା । ଏ ସବୁ ଘଟଣା ନିତି ପ୍ରତି ଆମ ଚାରିପାଖରେ ଘଟି ଚାଲିଛି । ସବୁ ଦେଖି ବି ଆମର ଚେତନା ଫେରୁନି । ଆମେ ଅନ୍ଧ ବାଟରେ ଆଗେଇ ଚାଲିଛୁ । ପରିଣାମ ଭୋଗି ଚାଲିଛୁ । କେଜାଣି କେବେ ଚେତନା ଫେରିବ ?

ଭାଗବତ କହିଛି- ଅର୍ଥହିଁ ଅନର୍ଥର ଜନ୍ମ । ଚୋରୀ, ହିଂସା, ଅସତ୍ୟ, ଦମ୍ଭ, କାମ, କ୍ରୋଧ, ଗର୍ବ, ଅହଂକାର, ଭେଦବୁଦ୍ଧି ଶତ୍ରୁତା, ଅବିଶ୍ୱାସ, ଆସ୍ପର୍ଦ୍ଧା, ଲମ୍ପଟ, ଜୁଆ, ମଦ ଏସବୁ ଅର୍ଥର ଏକ ଏକ ଅଂଶ । ଶାଖା ପ୍ରଶାଖା ।

ସାଧୁ ସାବଧାନ ।

***ନରିଶୋ, ୭୫୨୦୦୪, ଖୋର୍ଦ୍ଧା***

# ପାପୀ

**- ଡଃ ଦୀପକ୍ କୁମାର ସାହୁ**

ଗୋଟିଏ ଖେତରେ ଦଶ ଜଣ କୃଷକ କୃଷି କାର୍ଯ୍ୟରେ ବ୍ୟସ୍ତ ଥିଲେ । ଅକାଶରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଲା । ବିଜୁଳି ଏବଂ ଘଡ଼ଘଡ଼ିରେ ପୃଥିବୀ ଫାଟି ପଡ଼ିଲା ଭଳି ଲାଗିଲା । କୃଷକ ମାନେ ଭୟରେ ଦୌଡ଼ି ନିକଟସ୍ଥ ଏକ ଭଙ୍ଗା ମନ୍ଦିର ଭିତରେ ପଶି ଗଲେ ।

ଘଡ଼ଘଡ଼ି ଯେମିତି ମାଡ଼ି ଆସେ । ଲାଗୁଥାଏ ସତେ ଯେମିତି ପରେ । ଘଡ଼ଘଡ଼ିଟି ନିଶ୍ଚିତ ସେମାନେ ରହୁଥିବା ମନ୍ଦିର ଉପରେ ପଡ଼ିଯିବ କି ଆଉ ।

ଭୟରେ ଜଣେ କୃଷକ କହିଲା- ଆମ ମାନଙ୍କ ଉପରେ ଭଗବାନ ବୋଧେ ରାଗିଛନ୍ତି ?

କାହିଁକି ?- ଅନ୍ୟ ଜଣେ ପ୍ରଶ୍ନ କଲା ।

ତୃତୀୟ କୃଷକ ଜଣେ କହିଲା- ଆମ ଭିତରେ ନିଶ୍ଚୟ କେହି ଜଣେ ପାପୀ ଅଛନ୍ତି । ଚାଲ, କେମିତି ତାଙ୍କୁ ଖୋଜି ବାହାର କରିବା ।

'ମୋ ପାଖେ ଗୋଟେ ଭଲ ଉପାୟ ଅଛି ।'- ଚତୁର୍ଥ କୃଷକ ଉ ର ଦେଲା । ସମସ୍ତେ ନିଜ ନିଜର ଟୋପିକୁ ଝରକା ବାହାରକୁ ଦେଖାଅ । ବିଜୁଳି ଯୋଗୁଁ ଯାହାର ଟୋପି ପୋଡ଼ି ପାଉଁଶ ହୋଇଯିବ ସେ ହିଁ ପାପୀ । ତାକୁ ଆମେ ଏଠୁ ଠେଲି ବାହାରକୁ ପଠେଇଲେ ଯାଇ ଆମେ ରକ୍ଷା ପାଇବା ।

ଯୋଜନା ଅନୁସାରେ କାମ ହେଲା । ହେଲେ ଯେଉଁ କୃଷକର ଟୋପି ପୋଡ଼ି ପାଉଁଶ ହୋଇଗଲା, ସେ ଜଣେ ଅଭାବୀ ଓ ଗରିବ ଲୋକ ଥିଲା । ପରେ । ପରକ୍ଷଣେ କ'ଣ ହେବ ଜାଣି ସେ ବହୁ କାକୁତି ମିନତି ହୋଇ କହିଲା- ମୁଁ ମରିଗଲେ ମୋ ପୁଅ, ଝିଅ, ସ୍ତ୍ରୀ ଏବଂ ବୃଦ୍ଧ ବାପାମାଙ୍କୁ କିଏ ଚାହିଁବ ? ମୋ ଦୁଃଖ ଟିକେ ବୁଝ ।

'ବାହାର । ବାହାରେ ଏଠୁ' - ଏତିକି କହି ପ୍ରବଳ ବର୍ଷାର ମୁଖରେ ରହିଲେ ନ' ଜଣ କୃଷକ ମିଶି ଏ କୃଷକଟିକୁ ବାହାରକୁ ଠେଲିଦେଲେ ।

ବିଚାରା କୃଷକଟି କାନ୍ଦି କାନ୍ଦି ନିକଟରେ ଥିବା ଏକ ଗଛ ମୂଳକୁ ଯାଇ ବର୍ଷା ମାଡ଼ ଖାଇ ଥରିବାକୁ ଲାଗିଲା ହେଲେ ଏ କ'ଣ ହେଲା.... ?

ଏ ଅସହାୟ କୃଷକକୁ ଯେମିତି ଅନ୍ୟ ନଅ ଜଣ ଯାକ ଭଙ୍ଗା ମନ୍ଦିରରୁ ଠେଲି ବାହାର କରିଦେଇଛନ୍ତି । ପରେ । ଘଡ଼ଘଡ଼ି ପଡ଼ିଲା ସେଇ ମନ୍ଦିର ଉପରେ । ଫଳସ୍ୱରୂପ ନଅ ଜଣ କୃଷକଙ୍କ ମୃତ୍ୟୁ ଘଟିଲା ।

**- ତାମିଲନାଡୁ**




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ